
# ସରଗର ଗୁମର



ସତ୍ୟଦେବ ସାହୁ



Acc 142







# ସହଗର ଶୁଦ୍ଧି

ଶ୍ରୀ ସହଦେବ ସାହୁ

# ସରଗର ଛନ୍ଦ

ଲେଖକ
**ଶ୍ରୀ ସହଦେବ ସାହୁ**

ରାଷ୍ଟ୍ରଭାଷା ସମବାୟ ପ୍ରକାଶନ
ରାଷ୍ଟ୍ରଭାଷା ରୋଡ୍, କଟକ-୭୫୩୦୦୧

ପ୍ରଥମ ପ୍ରକାଶ
୧୯୮୫

ଚିତ୍ରଶିଳ୍ପୀ
**ଶ୍ରୀ ଅସିତ ମୁଖାର୍ଜୀ**
ଶିଳ୍ପରୂପମ୍
ବିହାରୀବାଗ୍, କଟକ-୨

ମୁଦ୍ରାକର
**ଶ୍ରୀ ଗୋପୀନାଥ ସାହୁ**
ରାଷ୍ଟ୍ରଭାଷା ସମବାୟ ପ୍ରେସ୍
ରାଷ୍ଟ୍ରଭାଷା ରୋଡ୍, କଟକ-୧

ମୂଲ୍ୟ
**ଦଶ ଟଙ୍କା**

ସୁବ୍ରତ
ଓ
ସୁଜିତ୍ଙ୍କ
ହାତରେ

## ବିଷୟ ପୃଷ୍ଠା


| | |
|---|---|
| ମୋ କଥା | ଆଠ |
| । ୧ । ଭଇଭଇ | ନଅ |
| । ୨ । ପିଟର୍‌ପାନ୍ | ସତର |
| । ୩ । ଡାମୋକ୍ଲିଜ୍‌ର ଖଣ୍ଡା | ପଚିଶ |
| । ୪ । କାମ ନେଇ ଫଳ | ଅଣତିରିଶ |
| । ୫ । ଛୁରୀ ଖିରୀ | ପଞ୍ଚତିରିଶ |
| । ୬ । ଭଗିଆ ରଜାଙ୍କୁ ବୁଦ୍ଧି ଶିଖେଇଲା | ଏକଚାଳିଶ |
| । ୭ । ଯେମିତି ଲୋକ ସେମିତି ଗୁଣ | ସତଚାଳିଶ |
| । ୮ । ଗରିବୀ ହଟିଲା କେମିତି ? | ତେପନ |
| । ୮ । ସରଗର ଗୁନ୍ଦ | ଅଣଷଠି |
| । ୧୦ । ମରଣ ସାଙ୍ଗରେ ଲଢ଼େଇ | ସତଷଠି |

# ମୋ କଥା

ଆକାଶବାଣୀ ଜରିଆରେ ଓ କେତେକ ଶିଶୁ-କିଶୋର-ପତ୍ରିକାରେ ପ୍ରସାରିତ ହୋଇଥିବା ମୋର କେତେ ଗୁଡ଼ିଏ ଗପକୁ ଏକାଠି କରି ଏ ବହିଖଣ୍ଡିକ ସଜାଡ଼ିଛି । ପତ୍ରିକା ପଢ଼ିବାରେ ଯେଉଁ ଆନନ୍ଦ ମିଳିଥାଏ, ତାହା ପତ୍ରିକା ସହିତ ଚାଲିଯାଏ । ପତ୍ରିକାକୁ ସାଇତିରଖିବା ଅଭ୍ୟାସ ଆମ ଦେଶରେ ଦେଖାଯାଏ ନାହିଁ; ଯାହା କିଛି ଦେଖାଯାଏ, ତାହା କେତୋଟି ପାଠାଗାରଭିତରେ ସୀମାବଦ୍ଧ । ପୁଣି ଏକାଧିକ ପତ୍ରିକା ପଢ଼ିବାକୁ ଅନେକଙ୍କର ବଳ ନାହିଁ, ମନ ଓ ଧନର । ଅନ୍ୟପକ୍ଷରେ ରେଡିଓରୁ ଶୁଣିଥିବା କାହାଣୀ ଲିଖିତ ଆକାରରେ ମିଳି ନ ଥାଏ । ଏସବୁ ଅସୁବିଧା ଦୂର କରିବାପାଇଁ ମୋର ଏ ବହିର ଜନ୍ମ । କିନ୍ତୁ ଏହାର ମୂଳ ଉଦ୍ଦେଶ୍ୟ ପିଲମାନଙ୍କୁ ଆନନ୍ଦ ଦେବା ।

ପିଲମାନଙ୍କୁ ଆନନ୍ଦ ବଢ଼ାଇବାର ମୋର ଉଦ୍ୟମ ସଫଳ ହେଲା କି ନାହିଁ ଜାଣିବାପାଇଁ ବୟସ୍କମାନଙ୍କର ମତାମତ ଜାଣିବା ଦରକାର । ଶିଶୁ ଓ କିଶୋରମାନଙ୍କର ମତାମତ ଯେତିକି ଦରକାର, ତା'ଠାରୁ ବେଶୀ ଦରକାର ଅଭିଭାବକମାନଙ୍କ ମତାମତ; କାରଣ, ଅଭିଭାବକମାନଙ୍କର ରୁଚିରୁ ହିଁ ଶିଶୁମାନଙ୍କର ରୁଚି ଜନ୍ମ ନେଇଥାଏ । ପାଠକମାନେ ସଦୟ ହୋଇ ମୋତେ ମତାମତ ଜଣାଇଲେ ମୋର ଭବିଷ୍ୟତ ଉଦ୍ୟମକୁ ନୂଆ ଖୋରାକ ମିଳନ୍ତା, ଏହା ହିଁ ମୋର ପାଠକମାନଙ୍କ ନିକଟରେ ଅଳି ।

ଲେଖକ

# ଭାଇ ଭାଇ

ବହୁତ ଦିନ ତଳର କଥା । ଖୋରଧା ରାଜ୍ୟରେ ଭୋଇବଂଶ ରାଜୁତି କରୁଥାନ୍ତି । ସେତିକିବେଳେ ସେହି ରାଜ୍ୟରେ ଗୋଟିଏ ଚାଷୀ ପରିବାର ଥାଏ । ଚାଷୀର ଦୁଇପୁଅ । ବଡ଼ ପୁଅକୁ ବୟସ ହେବାରୁ ସେ ରାଜାଙ୍କ ସେନାବାହିନୀରେ ଯୋଗଦେଲା । ପାଇକଭାବରେ ଚାକିରି ଆରମ୍ଭ କଲା । ଗୋଟାକ ପରେ ଗୋଟାଏ ଯୁଦ୍ଧରେ ଲଢ଼ି ସେ ଏତେ ନାଁ କଲା ଯେ ଦୁଇ-ତିନି ବର୍ଷରେ ଥରେ ଲେଖାଏଁ ତା'ର ପଦୋନ୍ନତି ହେଲା । ପାଇକରୁ ସର୍ଦ୍ଦାର, ସର୍ଦ୍ଦାରରୁ ନାୟକ, ନାୟକରୁ ଅଧି-ନାୟକ ଏବଂ ଶେଷରେ ରାଜାଙ୍କ ଅନୁଗ୍ରହ ପାଇ ଅଧିନାୟକରୁ ବକ୍ସି-ପଦକୁ ଉଠିଲା । ସମସ୍ତ ସୈନ୍ୟବାହିନୀ ତା' ଅଧୀନରେ ରହିଲେ । ସମସ୍ତେ ତାକୁ ଭାଗ୍ୟବାନ୍ ବୋଲି କହୁଥିଲେ ।

ଚାଷୀର ସାନ ପୁଅଟିର ବୟସ ହୋଇଗଲାରୁ ସେ ବି ପାଇକ-ଚାକିରି ଖୋଜିଲା । ବେଶ୍ ହୃଷ୍ଟପୁଷ୍ଟ ଆଉ ବଳବାନ୍ ହୋଇଥିବାରୁ ତା'କୁ ଚାକିରି ମିଳିବା କଷ୍ଟକର ହେଲା ନାହିଁ । ତା'ର ଭାଗ୍ୟକୁ ବକ୍ସିଙ୍କ ଖାସ୍ ପଲଟଣରେ ତାକୁ ନିଯୁକ୍ତି ମିଳିଲା । ତା'ର ଖୁସି କହିଲେ ନ ସରେ । ଏତେ ବଡ଼ ରାଜ୍ୟର ବକ୍ସି ପୋଷାକରେ ଭାଇକୁ ଦେଖି ସେ ଖୁସି ହୁଏ । ତାଙ୍କ ପାଖରେ କାମ କଲେ ଭଲ ନ ହେବ କାହିଁକି ?

କିନ୍ତୁ କଥାଟା ଓଲଟା ହେଲା । ବକ୍ସି ସାନଭାଇକୁ ପାଖରେ ପୂରେଇ-ଦେଲେ ନାହିଁ । 'ଏତେ ବଡ଼ ନାମଜାଦା ବକସିର ଭାଇ ଗୋଟିଏ ସାମାନ୍ୟ ପାଇକ' ଏହି ବଦ୍‌ନାମ ତାଙ୍କର ହେବ । ତେଣୁ ସେ ଥରେ ସଫା କହିଦେଲେ, "ତୁ ମୋର ଭାଇ ନୋହୁଁ । ଏଣିକି ଆଉ କାହାରି ପାଖରେ ମୋର ଭାଇ ବୋଲି କହିବୁ ନାହିଁ ।"

ବକ୍ସିଙ୍କ ଘରେ ଥରେ ଖୁବ୍ ନାଚଗୀତ ହେଉଥାଏ । ବାଡ଼ିଦୁଆରେ ପ୍ରହରୀ କାମରେ ସାନଭାଇର ପାଳି ପଡ଼ିଲା । ବହୁ ବଡ଼ ବଡ଼ ପାଇକ, ନାୟକ, ବଣିକ, ସାମନ୍ତ ଆସୁଥାନ୍ତି । ସେମାନଙ୍କ ସାଙ୍ଗରେ ସୁନ୍ଦର ସୁନ୍ଦର ସ୍ତ୍ରୀଲୋକମାନେ ଆସୁଥାନ୍ତି । ସମସ୍ତେ ଖୁସିବାସିରେ ଏପାଖ ସେପାଖ ହେଉଥାଆନ୍ତି । ଖାଇବା-ପିଇବାର ଧୁମ୍ ଚାଲିଥାଏ । ନାଚ-ଗୀତ ବି ଚାଲିଥାଏ ।

ଭାଇ ତ ଖୁସିରେ ମସ୍‌ଗୁଲ୍ । ମୋ କଥା ପଦେ ବି ଭାବୁ ନାହିଁ—ଏତକ ଭାବି ସାନଭାଇ ଭେ ଭେ କରି କାନ୍ଦିପକାଇଲା । ସେତେବେଳେ ଯାଉଥିବା ସୁନ୍ଦରୀ ସ୍ତ୍ରୀ ଲୋକଟିଏ କଥା କ'ଣ ବୋଲି ଜାଣିବାକୁ ପଚାରିଲା, "ତୁମେ କାନ୍ଦୁଛ କାହିଁକି ?"

"ମୋ ଭାଇ ଏଠାକାର ବକ୍ସି, ନାଚ-ଗୀତରେ ଏତେ ମଜ୍ଜି ଯାଇଛନ୍ତି ଯେ ମୋ କଥା ଟିକିଏ ହେଲେ ଭାବିବାକୁ ତାଙ୍କୁ ବେଳ ମିଳୁ ନାହିଁ ।"

ଏଭଳି କଥା କି ସ୍ତ୍ରୀଲୋକଙ୍କ ପେଟରେ ରହେ ? ଏହା କାନରୁ ତାହା କାନ ହୋଇ ଆସ୍ତେ ଆସ୍ତେ କଥାଟା ବକ୍ସିଙ୍କ କାନକୁ ଗଲା । ବକ୍ସି ଏ କଥା ଶୁଣିବାମାତ୍ରେ ରାଗି ଲାଲ୍ ହୋଇଗଲେ ।

ଆଦେଶ ଦେଲେ—"ସେ ପାଇକଟାକୁ ସାଙ୍ଗେ ସାଙ୍ଗେ ନେଇଯାଅ, ତିନି ଶହ ପାହାର ଦେଇ ତାକୁ ତା' ତମ୍ବୁରେ ଛାଡ଼ିଦେଇଆସ ।"

ବକ୍ସିଙ୍କ ଏ ଆଦେଶ ତାମିଲ୍ କରିବାରେ ହେଳା ବା କାହିଁକି ହେବ ? ଏମିତି ଦଣ୍ଡ ପାଇ ସେ ଦୁଃଖରେ ଭାଙ୍ଗି ପଡ଼ିଲା । ସେହି ଦିନ ରାତିରେ ସେ ତମ୍ବୁ ଛାଡ଼ି ପଳାଇଲା । ଆଖିବୁଜା ଚାଲିଲା, ଗୋଡ଼ ଥକିଗଲାପର୍ଯ୍ୟନ୍ତ ।

ରାତି ପାହିଲା । ସକାଳ ହେଲା । ବେଳ ବୁଡ଼ି ସଞ୍ଜ ହେଲା । ତଥାପି ସେ ଚାଲିଥାଏ । ଘଞ୍ଚ ଜଙ୍ଗଲଭିତରେ ପହଞ୍ଚି ସେ ନିଃଶ୍ୱାସ ନେଲା ।

ସଭ୍ୟ ଜଗତ୍‌ରେ ରହି ଯଦି ଖାଲି ମାଡ଼ ଓ ଗାଳି ସାର ହେଲା, ତେବେ ତା'ଠାରୁ ଜଙ୍ଗଲର ନିର୍ଜନତା ଖୁବ୍ ଭଲ । ଜଙ୍ଗଲରେ ଫଳମୂଳ ଖାଇ ବଞ୍ଚିବାରେ ବରଂ ମର୍ଯ୍ୟାଦା ଅଛି ।

ଏଣିକି ସେ ଜଙ୍ଗଲରେ ରହିବ ବୋଲି ମନେ ମନେ ଠିକ୍ କରିନେଲା ।

ଦିନେ ଖୋରଧାର ରଜା ସେହି ଘଞ୍ଚ ଜଙ୍ଗଲକୁ ଶିକାର କରିବାପାଇଁ ଯାଇଥାନ୍ତି । ଗୋଟିଏ ହରିଣ ଦେଖି ତା' ପଛରେ ଗୋଡ଼ାଇବାବେଳେ ସେ ନିଜ

ସୈନ୍ୟମାନଙ୍କଠାରୁ ଦୂରେଇଯାଆନ୍ତି । ହରିଣ ଡେଇଁ ଡେଇଁ ଯାଉଥାଏ, ରଜା ପଛରେ ଦଉଡ଼ୁଥାଆନ୍ତି । ଶେଷରେ ହରିଣ କୁଆଡ଼େ ଗଲା, ଜାଣି ହେଲା ନାହିଁ । ରଜା ଅଟକିଯାଇ ଚାରିଆଡ଼କୁ ଚାହିଁଲେ, କିଛି ଦିଶିଲା ନାହିଁ । ଘଞ୍ଜଙ୍ଗଲ, ଖାଲି ଗଛ ଆଉ ଗଛ । ସଞ୍ଜ ହେବାପୂର୍ବରୁ ଏଆଡ଼େ ସେଆଡ଼େ ବହୁତ ବୁଲିଲେ; କିନ୍ତୁ ରାସ୍ତା ପାଇଲେ ନାହିଁ । ଏହିସମୟରେ ପାଖରୁ କେହି ଗୀତ ଗାଉଥିବାର ଶୁଭିଲା । ଗୀତଆଡ଼କୁ ଆଗେଇ ଆଗେଇ ଯାଇ ସେ ପାଇକବେଶରେ ଥିବା ଯୁବକଟିକୁ ଦେଖିଲେ ।

"କି ରେ ପାଇକ, ତୁ କ'ଣ ଏଠି ?"

ତୁମେ କିପରି ଏଠି ?—ପାଇକଟି ରଜାଙ୍କୁ ଚିହ୍ନି ନ ଥିଲା । ରଜା ମଧ୍ୟ ନିଜ ଚିହ୍ନା ଦେଲେ ନାହିଁ । ସେ କହିଲେ, ମୁଁ ଖୋରଧା ରଜାଙ୍କ ଜଣେ ସାମନ୍ତ, ଶିକାର କରୁ କରୁ ରାସ୍ତା ଭୁଲିଯାଇଛି । ମୋତେ ଟିକେ ରାସ୍ତା ଦେଖାଇ ପାରିବୁ ?

ହଁ । କିନ୍ତୁ ଆଜି ନୁହେଁ । ରାତି ହେଲାଣି । ଖୋରଧା ବହୁତ ଦୂର । ଆଜି ରାତିକ ରହିଯାଅ । କାଲି ରାସ୍ତା ଦେଖାଇଦେବି ।

ରଜା ଆଉ କରିବେ କଣ ? ବାଧ୍ୟ ହୋଇ ରହିବେ, ତେଣୁ ଦୀର୍ଘନିଃଶ୍ୱାସ ଛାଡ଼ି କହିଲେ, "ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ବି ନାହିଁ ।"

ପାଇକ କହିଲା, "ଦେଖିବା । ପାଖରେ କେଉଁଠି ଘର ଥାଇପାରେ ।"

ଗଛରେ ଚଢ଼ି ସେ ଚାରି ଆଡ଼କୁ ଚାହିଁଲା । ଅଳ୍ପ ଦୂରରେ ମିଞ୍ଜି ମିଞ୍ଜି ଆଲୁଅ ଦିଶିଲା ।

"ସେଇଠିକି ଯିବା କି ? ବୋଧହୁଏ ରାତିଟା କଟାଇ ହେବ ।"

ରଜା ପାଇକ ସାଙ୍ଗରେ ଯାଉ ଯାଉ ପଚାରିଲେ, "ତୁ କେଉଁ ପଲଟଣରେ କାମ କରୁ ?"

"ଆରେ ଭାଇ, ମୁଁ କୌଣସି ବାହିନୀରେ କାମ କରେ ନାହିଁ । ମୁଁ ପାଇକଗିରି ଛାଡ଼ି ପଳାଇ ଆସିଛି ।"

ଏ କଥା ? କିନ୍ତୁ ତୁ ପଳାଇ ଆସିଲୁ କାହିଁକି ?



ପାଇକ ଏଥର ସବୁ କଥା ମୂଳରୁ ଶେଷଯାଏ କହିଗଲା । ତା' ଉପରେ ତାକୁ ଖୁବ୍ ହଇରାଣ କଲାରୁ ସେ ପଳାତକ ହୋଇଛି ।

ଏମିତି କଥାବାର୍ତ୍ତା ହେଉ ହେଉ ସେମାନେ ଆଲୁଅ ପାଖରେ ପହଞ୍ଚିଲେ । ଗୋଟିଏ ଛୋଟ ଘର । ରଜାଙ୍କ ଘୋଡ଼ା ବନ୍ଧା ହେଲା । ଦୁହେଁ ଘରଭିତରେ ପଶିଲେ ।

ବୁଢ଼ୀ ସ୍ତ୍ରୀଲୋକଟିଏ ଚୁଲି ଜାଳି ସେଇଠି ବସିଥାଏ । ଏମାନେ କାହିଁକି ଘରେ ପଶିଲେ ବୋଲି ସେ ରାଗିଗଲା ।

"ମାଉସୀ, କିଛି ଖାଇବାକୁ ଦିଅନ୍ତ କି ? ତୁମର ଧର୍ମ ହୁଅନ୍ତା । ଆମେ ତୁମ ଆଟୁରେ ଶୋଇଯାନ୍ତୁ ।"

ମୋ ଘରେ ଖାଇବାକୁ କିଛି ନାହିଁ । ବୁଢ଼ୀ ବିରକ୍ତ ହୋଇ କହିଲା ।

ଏ କ'ଣ କହୁଛ ମାଉସୀ ? ମାଂସ ତରକାରିର ବାସନା ତ ଆସୁଛି ।

ଏତକ କହି ପାଇକଟି ଚୁଲି ପାଖକୁ ଚାଲିଗଲା । ଦେଖିଲା ହରିଣ ମାଂସର ତରକାରି, ଭାତ ଆଉ ମଦ ବୋତଲ ସବୁ ସଜା ହୋଇରହିଛି । ଦୁହେଁ ପେଟଭରି ଖାଇଲେ ଆଉ ପିଇଲେ । ଆଟୁକୁ ଚଢ଼ି ଶୋଇବାକୁ ଗଲେ ।

ପାଇକ କହିଲା, ଜାଣିଲ ଭାଇ, ମୋତେ କାହିଁକି ଏଠି କିମିତିକା କିମିତିକା ଲାଗୁଛି । କିଛି ବିପଦ ପଡ଼ିପାରେ । ତୁମେ ଶୋଇଲେ ମୁଁ ଜଗିବି, ଆଉ ମୁଁ ଶୋଇଲେ ତୁମେ ଜଗିବ ।

ରଜା ଏଥିରେ ରାଜି ହୋଇଗଲେ । ପ୍ରଥମେ ଜଗିବା ପାଳି ତାଙ୍କର ପଡ଼ିଲା । ପାଇକର ଖଣ୍ଡାଟି ଧରି ସେ ଜଗିବା ଆରମ୍ଭ କଲେ । କିନ୍ତୁ ନିଦ ଜୋରରେ ସେ ଆଖି ବୁଜି ପକାଉଥା'ନ୍ତି ।

କ'ଣ ଢୋଳେଉଛ କି ?

ନା, ମୁଁ ଟିକେ ଚିନ୍ତାରେ ମଗ୍ନ ଅଛି ।

କିନ୍ତୁ କିଛି ସମୟ ଭିତରେ ରଜା ଘଡ଼କିବା ଆରମ୍ଭ କଲେ । ପାଇକଟି ଶୋଇପାରିଲା ନାହିଁ । "ଏ ଯଦି ମୋ ପଲଟଣରେ ଥାଆନ୍ତା ନା ମୁଁ ସାବାଡ଼୍ କରି ଦିଅନ୍ତି ।" ଏତକ କହି ନିଜ ଖଣ୍ଡାଟି ଧରି ଜଗିରହିଲା ।

ଅଳ୍ପ ସମୟ ଯାଇଛି କି ନାହିଁ ତଳୁ ପାଟି ଶୁଭିଲା । ଢୋ ଢୋ ହସ ଓ ବିଡ଼ପାଟିରେ ଘର କମ୍ପିଗଲା । ସେ ଘରେ ଯେଉଁ ଡାକୁମାନେ ରହନ୍ତି, ସେମାନେ ଫେରିଛନ୍ତି ।

"ମାଉସୀ, କ'ଣ ଖବର ।" ସେମାନେ ପଚାରିଲେ ।

ଦୁଇଜଣ କୁଣିଆ ଆସିଛନ୍ତି । ବେଶ୍ ଚଉଚଖାଇପିଇ ଆଟୁରେ ଶୋଇଛନ୍ତି ।

ଜଣେ ଡାକୁ କହିଲା, "ଆଚ୍ଛା । ମୁଁ ଟିକେ ଦେଖିଆସେ ।" ତା' ହାତରେ ଥିବା ଦାଢ଼ୁଆ ଛୁରୀଟା ମିଞ୍ଜି ମିଞ୍ଜି ଅାଲୁଅରେ ବି ଝକ୍ ଝକ୍ କରୁଥିଲା ।

ସିଢ଼ିରେ ଚଢ଼ି ସେ ଆଟୁକୁ ଉଠିଲା । ଯେମିତି ତା' ମୁଣ୍ଡ ଦେଖା ଦେଇଛି, ପାଇକ ଏକା ଚୋଟକେ ତା ମୁଣ୍ଡକୁ ଗଣ୍ଡିରୁ ଅଲଗା କଟିଦେଲା । ସାଙ୍ଗେ ସାଙ୍ଗେ ଗଣ୍ଡିଟାକୁ ଟାଣି ଆଟୁଉପରେ ପକାଇଦେଲା ।

ସାଙ୍ଗଟା କାହିଁକି ଫେରୁ ନାହିଁ ବୋଲି ଦେଖିବାକୁ ଆଉ ଜଣେ ଡାକୁ ଉପରକୁ ଉଠିଲା । ପାଇକଟି ପ୍ରଥମ ଡାକୁ ଭଳି ଦ୍ୱିତୀୟଟିକୁ ମଧ୍ୟ ଦୁଇ ଖଣ୍ଡ କରିଦେଲା । ଗୋଟିକ ପରେ ଗୋଟିଏ ଏମିତି ସବୁ ଡାକୁ ଶେଷ ହୋଇଗଲେ । ଡାକୁ ସର୍ଦ୍ଦାର ସବାଶେଷରେ ଦେଖିବାକୁ ଉଠିଲା, କାହିଁକି ସାଙ୍ଗମାନେ ଫେରୁ ନାହାନ୍ତି । ସେ ବି ସେହି ଦଶା ଭୋଗିଲା ।

ଏଣିକି ନିଶ୍ଚିତ ହୋଇ ପାଇକଟି ଶୋଇପଡ଼ିଲା । ସକାଳ ହେଲାରୁ ଯେତେବେଳେ ରାଜାଙ୍କ ନିଦ ଭାଙ୍ଗିଗଲା, ଗୁଡ଼ିଏ ମୁଣ୍ଡ ଅାଉ ମୁଣ୍ଡ ନ ଥିବା ଗଣ୍ଡି ଦେଖି ସେ ଚିହିଙ୍କି ଉଠିଲେ । ପାଇକଟିକୁ ହଲାଇ ହଲାଇ ଉଠାଇପଚାରିଲେ "କି ରେ ଗଡିଯାକ କ'ଣ କରୁଥିଲୁ କି ?"

ପାଇକ ସବୁଘଟଣା ଶୁଣାଇ ଗାଳିଦେଇ କହିଲା—"ତୁମ ଭଳି ଏଡ଼େ ବାଜେ ପ୍ରହରୀ ମୁଁ କେବେ ଦେଖି ନାହିଁ । ତୁମେ ଜଗିଥିଲେ ଆମେ ଦୁହେଁଯାକ ସବୁଦିନପାଇଁ ଶୋଇ ଯାଇଥାନ୍ତେ ।"

ଦୁହେଁଯାକ ତଳକୁ ଓହ୍ଲାଇଲେ । ପାଇକଟି ବୁଢ଼ୀକୁ ବଡ଼ପାଟିରେ ଡାକିଲେଇ ଉଠାଇଲା । "ତୁଇ ଏ ଡାକୁମାନଙ୍କର ଧନ ରଖିଛୁ ନା ? ଦେଖା, କେଉଁଠି ରଖିଛୁ ।"

ବୁଢ଼ୀ ଡରରେ ଥରୁଥିଲା । ଦାନ୍ତକୁ ଦାନ୍ତ ବାଜୁଥାଏ । କଥା ବାହାରିଲା ନାହିଁ, କେବଳ ସିନ୍ଧୁକଟିର ତାଲା ଖୋଲିଦେଇ ସବୁ ଦେଖାଇଦେଲା ।

ବାପ୍‌ରେ ! ପୂରା ସିନ୍ଧୁକଟା ସୁନା ମୋହରରେ ଭର୍ତ୍ତି ।

ପାଇକଟି ପକେଟରେ ଯେତେ ଧରିବ ସେତେ ମୋହର ପୂରେଇ କହିଲା—"ଭାଇ ! ତୁମେ ବି କିଛି ନିଅ ।"

ରଜା କହିଲେ, ମୋର ଦରକାର ନାହିଁ । ରଜା ତ ମୋତେ ଖୁବ୍ ଭଲ ବେତନ ଦିଅନ୍ତି । ତୁ ମୋର ଭାଗଟା ବି ନେଇ ଯା ।

ପାଇକ ଖୁସିହୋଇ ଖଣ୍ଡାର ଖୋଳରେ ବି କିଛି ମୋହର ପୂରେଇଲା । ସେମାନେ ନିର୍ଭୟରେ ଜଙ୍ଗଲ ପାରହେଲେ, ରାଜଧାନୀକୁ ଯାଉଥିବା ରାସ୍ତାରେ ପହଞ୍ଚି ପାଇକ ବିଦାୟ ନେଲା ।

ରଜା କହିଲେ, ପାଇକ ଭାଇ, ତୋର ଉପକାର ମୁଁ ଭୁଲିପାରିବି ନାହିଁ । ତୁ ଯଦି କେବେ ରଜାଙ୍କ ନଅରକୁ ଆସୁ, ମୋତେ ଦେଖା କରିବୁ । ବେଶୀ ଖୋଜିବା ଦରକାର ନାହିଁ, ଖାଲି କହିବୁ ମୁଁ ବିଦ୍ୟାଧରଙ୍କୁ ଦେଖାକରିବି । ସମସ୍ତେ ମୋତେ ଜାଣନ୍ତି ।

ଆରେ ଭାଇ, ମୁଁ ତ ରଜାଙ୍କ ଚାକିରି ଛାଡ଼ି ପଳାଇଆସିଛି । ମୁଁ କାହିଁକି ଯିବି ? ଗଲେ ମୋତେ ଗିରଫ୍ କରିନେବେ ନାହିଁ ?

କିଛି ଡର ନାହିଁ । ରଜା ମୋତେ ଖୁବ୍ ଭଲ ପାଆନ୍ତି । ମୁଁ ତାଙ୍କୁ ବୁଝାଇଦେବି, ସେ ତୋତେ ଗିରଫ କରିବେ ନାହିଁ । କାଲି ଆ । ପରୀକ୍ଷା କରି ନେବୁ । କାଲି ଆସିବୁଟି ?

ହଉ, ଆସିବି ।

ଦୁହେଁ ଦିହିଙ୍କ ଯେଝା ରାସ୍ତାରେ ଚାଲିଗଲେ । ରଜା ପ୍ରାସାଦରେ ପ୍ରବେଶ କରି ସବୁ ପ୍ରହରୀଙ୍କୁ କହିଦେଲେ ଯେ କାଲି ଯେଉଁ ପାଇକ ଆସି ମୋ ନାଁ ଧରି କହିବ ଯେ ମୋତେ ଦେଖା କରିବାକୁ ଚାହୁଁଛି, ତାକୁ ବକ୍‌ସିଙ୍କ ଭଳି ମର୍ଯ୍ୟାଦା ଦେଇ ଭିତରକୁ ଛାଡ଼ିଦେବ ।

ପାଇକ ଯେତେବେଳେ ନଅରରେ ପହଞ୍ଚିଲା, ସିଂହଦ୍ୱାରରେ ଥିବା ସବୁ ପ୍ରହରୀମାନେ ଅଭିବାଦନ ଜଣାଇ ତାକୁ ପାଛୋଟି ନେଲେ । ରଜାଙ୍କ ସେନାପତି ବକ୍‌ସିଙ୍କୁ ଯେପରି ସମ୍ମାନ ଦିଆଯାଏ, ସେହିଭଳି ତାକୁ ସମ୍ମାନ ଦେଉଥିଲେ ।

ପାଇକ ଆଶ୍ଚର୍ଯ୍ୟ ହୋଇ ପଚାରିଲା–ମୋତେ ଏମିତି ମର୍ଯ୍ୟାଦା କାହିଁକି ଦେଉଛ ?

ପ୍ରହରୀମାନେ କହିଲେ–ଆପଣ ତ ଆମ ମଣିମା ଆଜ୍ଞା !

ପାଇକଟି ଖୁସିହୋଇ ପକେଟରୁ ମୁଠାଏ ମୋହର କାଢ଼ି ପ୍ରହରୀମାନଙ୍କ ଭିତରେ ବାଣ୍ଟିଦେଲା । ପୁଣି ଆଗେଇଲା । ଦ୍ୱିତୀୟ ଦ୍ୱାରରେ ପଶିବାକ୍ଷଣି ପ୍ରହରୀମାନେ ଅଭିବାଦନ ଜଣାଇଲେ । ସମ୍ମାନ ବଦଳରେ କିଛି ମୋହର ଦେବା ଉଚିତ୍ ବୋଲି ପାଇକଟି ମୁଠାଏ ଲେଖା ସୁନା ମୋହର ପ୍ରତି ଦ୍ୱାରରେ ବାଣ୍ଟି ଦେଉଥିଲା । କିନ୍ତୁ ମନେ ମନେ ସେ ଖୁବ୍ ରାଗିଥିଲା । ରାଜାଙ୍କ ସାମନ୍ତଟା ନିଶ୍ଚୟ ସମସ୍ତଙ୍କୁ କହିଦେଇଥିବ, ମୁଁ କେତେ ସୁନା ମୋହର ଆଣିଛି । ମୋହର ପାଇବା ଆଶାରେ ଏ ପ୍ରହରୀଗୁଡ଼ା ମୋତେ ଜୁହାର କରୁଛନ୍ତି ।

ଏମିତି ବହୁତ ଦ୍ୱାର ପାର ହୋଇ ସେ ରାଜାଙ୍କ ଦରବାରରେ ପହଞ୍ଚିଲା ବେଳକୁ ଆଚମ୍ବିତ ହୋଇଗଲା । ବହୁତ ପାଇକ, ବଡ଼ ବଡ଼ ସର୍ଦ୍ଦାର ଓ ନାୟକମାନେ ଅଛନ୍ତି, ତା' ଭଇ ବକ୍‌ସି ବି ଅଛି । ସମସ୍ତଙ୍କ ସାମନାରେ ସିଂହାସନରେ ବସିଛି ସେହି ଲୋକଟା ।

ବାପ୍‌ରେ ! ମନେ ମନେ ପାଇକଟି କହିଲା । ଏ ତ ଖୋଦ୍ ରାଜା । କାଲିର ସାଥିଟା ଆଜି ରାଜା । ଏବେ ମୋ ଦଶା କଣ ହେବ ?

ପ୍ରକୃତରେ ତା'ର ଦଶା କଟିଯାଇଥିଲା । ରଜା ନିଜେ ଆସି କୁଣ୍ଢାଇ ପକାଇଲେ । ସମସ୍ତଙ୍କ ସାମନାରେ ପୂରା ଘଟଣାଟି କହିଲେ । ଏପରି ସାହସୀ ପାଇକ ନ ଥିଲେ ତାଙ୍କ ଜୀବନ ରକ୍ଷା ହୋଇ ନ ଥାନ୍ତା । ଶେଷରେ ରାଜାଙ୍କ ଆଦେଶ ହେଲା, "ଆଜିଠାରୁ ତୁମେ ହିଁ ମୋ ସୈନ୍ୟବାହିନୀର ବକ୍‌ସି ହେଲ ।"

ସମସ୍ତେ ଖୁସି ହେଲେ, କେବଳ ଜଣକୁ ଛାଡ଼ି । ସେ ହେଉଛନ୍ତି ପାଇକର ବଡ଼ ଭଇ । କାହିଁକି ନା, ରଜା ତାକୁ ଉଚ୍ଚପଦରୁ ଖସାଇ ସାମାନ୍ୟ ପାଇକ ପଦରେ ରଖିଦେଲେ ।

# ପିଟର ପାନ୍

ଅନେକ ଦିନ ତଳର କଥା । ଡାର୍ଲିଙ୍ଗ୍‌ଙ୍କ ପରିବାରରେ ତିନୋଟି ପିଲା । ଭଉଣୀର ନାମ ଓ୍ୱେଣ୍ଡି ମୈରି ଆଞ୍ଜେଲା । ଆଉ ଦୁଇ ଭାଇଙ୍କ ନାମ ଜନ୍ ନେପୋଲିଅନ୍ ଓ ମାଇକେଲ୍ । ସାଧାରଣତଃ ପିଲାମାନଙ୍କୁ ହେପାଜତ୍ କରିବାପାଇଁ ବୁଢ଼ୀ ମା' ଥା'ନ୍ତି, ଯେଉଁ ଘରେ ବୁଢ଼ୀ ମା' ନାହିଁ, ସେଠି ଧାଇ ଥାଆନ୍ତି । କିନ୍ତୁ ଡାର୍ଲିଙ୍ଗ୍‌ଙ୍କ ଘରେ ପିଲାଙ୍କ ଦେଖାଶୁଣା କରୁଥିଲା ନିଉଫାଉଣ୍ଡଲାଣ୍ଡ ଜାତୀୟ ଗୋଟିଏ କୁକୁର । ତାର ନାମ ଥିଲା ନାନା ।

କୁକୁର ହେଲେ କ'ଣ ହେବ, ନାନା ପିଲାମାନଙ୍କର ବେଶ୍ ଯତ୍ନ ନେଉଥିଲା ।

ଗୋଟିଏ ରାତିର ଘଟଣା ଶୁଣ । ଶ୍ରୀମତୀ ଡାର୍ଲିଙ୍ଗ୍‌ଙ୍କ ନିଦ ହଠାତ୍ ଭାଙ୍ଗିଗଲା । ସେ ଦେଖିଲେ ପିଲାମାନଙ୍କ ଶୋଇବା ଘରର ଝରକା ପାଖରେ ଗୋଟିଏ ଛୋଟ ପିଲା ଠିଆ ହୋଇଛି । ଏ ପିଲାଟିର ନାମ ପିଟରପାନ୍ । ନାନା ଭୋ ଭୋ କରି ଭୁକି ଉଠିଲା । ପିଟରପାନ୍ ତିନି ମହଲାଉପରୁ ଡେଇଁପଡ଼ିଲା ସିନା, ନାନା ଏତେ ଶୀଘ୍ର ଝରକାଟା ବନ୍ଦ କରିଦେଲା ଯେ, ପିଲାଟିର ଛାଇ ଝରକା ଏପାଖରେ ରହିଗଲା ।

ପିଲାମାନେ ! ତୁମ ଛାଇ ତୁମଠାରୁ କେବେ ଭିନ୍ନ ହୋଇ ରହିଥିବା ଦେଖିଛ କି ? ନା । କିନ୍ତୁ ଏ ପିଲାଟିର ଛାଇ କୁକୁରଦ୍ୱାରା ଧରାପଡ଼ିଗଲା । ଶ୍ରୀମତୀ ଡାର୍ଲିଙ୍ଗ ଛାଇଟିକୁ ଲୁଗାରେ ଗୁଡ଼ାଇ ତୁଡ଼ାଇ ବାକ୍‌ସରେ ରଖିଦେଲେ ।

ନାନାର ଏପରି ସାହସିକ କାମରେ ଶ୍ରୀମତୀ ଡାର୍ଲିଙ୍ଗ୍ ବେଶ୍ ଖୁସି ହେଲେ । କିନ୍ତୁ ତାଙ୍କ ମନ ଖରାପ ଥିଲାବେଳେ ସେ କୁକୁରଟା ଉପରେ ଖାପ୍ପା ରାଗନ୍ତି ।

ଦିନେ ଏମିତି ଗଗିଥିବାବେଳେ ସେ ନାନାଙ୍କୁ କୁକୁର ରହିବାଘରେ ବାନ୍ଧିଦେଲେ । ପିଲମାନଙ୍କ ଘରକୁ ଛାଡ଼ିଲେ ନାହିଁ । ସେଦିନ ଶ୍ରୀ ଓ ଶ୍ରୀମତୀ ବୁଲିଯାଇଥିବାବେଳେ ପିଟରପାନ୍ ନିଜର ଛାଇ ଫେରଇନେବାକୁ ଆସିଲା । ପିଲମାନଙ୍କ ଶୋଇବାଘରେ ଟିଣ୍ ଟିଣ୍ ଶବ୍ଦ ଶୁଭିବାରୁ ପିଟରପାନ୍ ଦେଖିଲା, ପରୀ ଭଳି ଝିଅଟିଏ କଥା କହୁଛି । ଏହି ଝିଅଟିର ନାମ ଟିଙ୍କର ବେଲ୍ । ସେ ପିଟର୍‌କୁ ଛାଇଥିବା ବାକ୍ସଟିକୁ ଦେଖାଇ ଦେଲା । ପିଟରପାନ୍ ନିଜର ଛାଇଟକୁ ଫଟ୍‌କରି କାଢ଼ିଆଣିଲା । ଏ କ'ଣ ? ଛାଇଟା ଯେ ତା' ସହ ଆଉ ଖାପଖାଉ ନାହିଁ, । ପିଟରପାନ୍ କାନ୍ଦିପକାଇଲା ।

ପିଟରର କାନ୍ଦଣାରେ ଓ୍ୱେଣ୍ଡିର ନିଦ ଭାଙ୍ଗିଗଲା ।

ତୋ ନାଁ କ'ଣ ? ତୁ କାହିଁକି କାନ୍ଦୁଚୁ ? ଓ୍ୱେଣ୍ଡି ପଗ୍ଚରିଲା ।

ପଟରଠାରୁ ଉତ୍ତରକୁ ଅପେକ୍ଷା ନ କରି ଓ୍ୱେଣ୍ଡି କାରଣଟା ଜାଣିପାରିଲା । ସାଙ୍ଗେ ସାଙ୍ଗେ ଛାଇଟାକୁ ଛୁଞ୍ଚି ସୂତାରେ ସିଲେଇ କରିପକାଇଲା ।

ଏବେ ପିଟରପାନ୍‌ର ଖୁସି ଦେଖେ କିଏ ? ଖୁସିରେ ସେ ଘରସାରା ନାଚିବାରେ ଲଗିଲା ।

ପିଟରକୁ ଓ୍ୱେଣ୍ଡି ପଗ୍ଚରିଲା, ତୁ କେଉଁଠି ରହୁଛୁ ?

ପିଟର କହିଲା, ଦୁଇଟା ଘର ପରେ ଡାହାଣକୁ ମୋଡ଼ିଯିବ । ତା'ପରେ ନାକସିଧା ଯିବ ସକାଳ ହେବା ପର୍ଯ୍ୟନ୍ତ ।

ଏମିତି ଠିକଣା ଯେ ଲୋକଙ୍କର ଥାଏ, ଓ୍ୱେଣ୍ଡିକୁ ଆଶ୍ଚର୍ଯ୍ୟ ଲାଗିଲା ।

ଆଚ୍ଛା ତୁମର ବୟସ କେତେ ? ଓ୍ୱେଣ୍ଡି ପଗ୍ଚରିଲା ।

ପିଟର କହିଲା, ମୁଁ ଜାଣିନି । ମୁଁ ତ ଜନ୍ମ ହେଲାଦିନ ଘରଛାଡ଼ି ପଳାଇ ଆସିଛି । ସବୁଦିନେ ମୁଁ ପିଲାଟିଏ ହୋଇ ରହିବି ବୋଲି ଭାବି ପରୀ ରାଇଜକୁ ପଳାଇଆସିଲି । ସେ ରାଇଜର ନାଁ "ନାହିଁ ରାଇଜ" । ମା ବା ଧାଇ ଅନ୍ୟଆଡ଼େ ଦେଖୁଥିବା ବେଳେ ଦୋଳିରୁ ବା ପ୍ରାମ୍‌ରୁ ଯେଉଁ ପିଲାମାନେ ଗଡ଼ିପଡ଼ନ୍ତି, ସେମାନେ ସିଧାସଳଖ ଏଇ ରାଇଜକୁ ଆସିଯାଆନ୍ତି । ମୁଁ ହେଉଛି ସେସବୁ ପିଲାମାନଙ୍କ କ୍ୟାପ୍‌ଟେନ୍ । ଆମେ ଖୁବ୍ ମଜା କରୁ । ଖାଲି ଗୋଟିଏ ଦୁଃଖ ଯେ ପିଲାମାନଙ୍କୁ ଗପ କହି, ଗୀତ ଗାଇ ଶୋଇ ଦେବାପାଇଁ କେହି ନାହାନ୍ତି । ଓଃ ଓ୍ୱେଣ୍ଡି ! ତୁମେ ଯଦି ଆସନ୍ତ ନା, ଆମମାନଙ୍କର ମା' କାମଟା ଚଳାଇ ଦିଅନ୍ତ ।



ନିଜ ମା'କୁ ଛାଡ଼ି ଯିବାପାଇଁ ୱେଣ୍ଡି ରାଜି ନ ଥିଲା । କିନ୍ତୁ ପିଟର ନାହିଁ ରାଇଜର କେତେ ଆଶ୍ଚର୍ଯ୍ୟ କଥା କହିଲା, ମଜା ଗପ କହିଲା । ପୁଣି କହିଲା, ଜନ୍ ଓ ମାଇକେଲକୁ ଉଡ଼ିବା ଶିଖାଇଦେବ ।

ଏସବୁ ଫୁଟ୍‌ଫାଟ୍ କଥାବାର୍ତ୍ତା ଶୁଣି ଜନ୍ ଓ ମାଇକେଲ ଦୁଇ ଭାଇ ବି ଉଠିପଡ଼ିଲେ । ପିଟର ସମସ୍ତଙ୍କ ଉପରେ ପରୀରାଇଜର ଧୂଳି ଝାଡ଼ିଦେଲା । ସମସ୍ତେ ନାହିଁ ରାଇଜକୁ ଉଡ଼ିଗଲେ ।

ଟିଙ୍କରବେଲ ବୋଲି ଯେଉଁ ଝିଅ କଥା ମୁଁ ଆଗରୁ କହିଛି, ସେ ଭାବିଲା, ୱେଣ୍ଡି ଆସିଗଲେ, ପିଟର ଆଉ ତାକୁ ପଗ୍ଭରିବ ନାହିଁ; ୱେଣ୍ଡିକୁ ଭଲ ପାଇବ ।

ପିଟର ଯେତେବେଳେ ଫେରିଲା, ଟିଙ୍କରବେଲ ନାହିଁ ରାଇଜର ପରୀ ପିଲାମାନଙ୍କୁ କହିଲା, ପିଲାଏ, ଏ ଯେଉଁ ଚଢ଼େଇଟି ଉଡ଼ି ଉଡ଼ି ଆସୁଛି, ତା'କୁ ଗୁଳିକର । ପିଟର ଖୁବ୍ ଖୁସି ହେବ ।

ଗୁଳି ବାଜି ୱେଣ୍ଡି ତଳେ ପଡ଼ିଗଲା । ପରୀପିଲାଏ ଦେଖିଲେ ସେ ଝିଅଟିଏ । ଚଢ଼େଇ ନୁହେଁ । ୱେଣ୍ଡି ବଞ୍ଚିଥିଲା । ଖାଲି ଗୁଳମାଡ଼ରେ ବେହୋସ ହୋଇଯାଇଥିଲା । ୱେଣ୍ଡିପାଇଁ ପିଲମାନେ ଛୋଟ ଘରଟିଏ ତିଆରି କରିଦେଲେ ।

ସମସ୍ତେ ମିଳିମିଶି ଖୁସିରେ ରହିଲେ । ପ୍ରତିଦିନ ରାତିରେ ୱେଣ୍ଡି ଘରକୁ ଯାଏ । ଗଛ ଚେର ତଳେ ଘର । ସେହି ଘରେ ପିଲାମାନେ ଥାଆନ୍ତି । ଗପ ସପ କହି ସେ ପିଲାମାନଙ୍କୁ ଶୁଆଇଦିଏ । ପିଲାମାନେ ଶୋଇଲେ ସେ ଶୁଏ ।

ନାହିଁ ରାଇଜରେ ଲୋହିତ ଭାରତୀୟ, ହେଟାବାଘ ଆଉ ଜଳଚ୍ଛୋରମାନେ ଥାଆନ୍ତି । ସେମାନଙ୍କ ସହ ପିଲାମାନେ କେଡ଼େ ସାହସର ସହ ମୁକାବିଲା କରନ୍ତି । ସେ ଗପ ବି ମୁଁ ତୁମମାନଙ୍କୁ କହିଦିଏ ।

ପିଲାଏ, ତୁମେ ଜାଣିଥିବ, ବଙ୍କା କଣ୍ଟାକୁ ଇଂରାଜୀରେ ହୁକ୍ କହନ୍ତି । ଏହି ଜଳଚ୍ଛୋରମାନଙ୍କ ସର୍ଦ୍ଦାରର ନାମ ଥିଲା କ୍ୟାପଟେନ୍ ହୁକ୍ । ତାର ଗୋଟିଏ ହାତରେ ବିଛି ବନ୍‌ସୀ କଣ୍ଟା ଭଳି ଲୁହା ଛଡ଼ ଥିଲା ବୋଲି ତା'ର ନାମ 'ହୁକ୍' ରଖାଯାଇଥିଲା ।

କିଛି ଦିନ ଆଗରୁ ପରୀ ରାଇଜର ପିଲା ଓ ଚ୍ଛୋରଦଳ ମଧ୍ୟରେ ଯେଉଁ ଯୁଦ୍ଧ ହୋଇଥିଲା, ସେଥିରେ ପିଟର୍ ହୁକ୍‌ର ଗୋଟିଏ ହାତ କାଟିଦେଇ ସମୁଦ୍ରରେ

ପକାଇ ଦେଇଥିଲା । ଗୋଟିଏ କୁମ୍ଭୀର ତାହା ଗିଳିଥିଲା । କୁମ୍ଭୀରକୁ ସେ ହାତଟା ଏତେ ଭଲ ଲାଗିଲା ଯେ, ସେ ସେହିଦିନଠୁ କ୍ୟାପଟେନର ପୂରା ଦେହଟା ଖାଇବା ପାଇଁ ବ୍ୟସ୍ତ ହୋଇପଡ଼ିଲା । ସବୁ ସମୁଦ୍ରରେ, ସବୁ ରାଜ୍ୟରେ ସେ ତା'କୁ ଖୋଜି ବୁଲିଲା ।

କିନ୍ତୁ ଏହି କୁମ୍ଭୀରଟା ଚୁପଚାପ ଆସିପାରେ ନାହିଁ । କିଛି ଦିନ ତଳେ ଆଲାର୍ମ ଘଡ଼ି ନେଇଯାଇଥିବା ଗୋଟିଏ ଲୋକକୁ କୁମ୍ଭୀରଟା ଗିଳଦେଇଥିଲା ଯେ ତା' ପେଟରେ ଆଲାର୍ମ ଘଡ଼ିଟା ରହିଯାଇଛି । ଏ ଘଡ଼ିଟାର ଟିକ୍ ଟିକ୍ ଶବ୍ଦ ଖୁବ୍ ଜୋରରେ ଶୁଭେ ।

କ୍ୟାପ୍‌ଟେନ୍ ହୁକ୍ କୁମ୍ଭୀର ପେଟ ଭିତରୁ ବି ଏହି ଶବ୍ଦ ଶୁଣିପାରେ । କୁମ୍ଭୀର ଆସିବା ଜାଣିପାରି ବହୁତ ଦୂରକୁ ପଳାଇଯାଏ ।

ତଥାପି ହୁକ୍ ଡରେ । କାଳେ ଆଲାର୍ମ ଘଡ଼ିଟା ଅକାମୀ ହୋଇଯିବ; ତା'ର ଟିକ୍ ଟିକ୍ ଶବ୍ଦ ବନ୍ଦ ହୋଇଯିବ । ତେବେ କୁମ୍ଭୀରର ଆସିବା ତ ଜାଣି ହେବନି ।

ଏସବୁ ଅସୁବିଧାପାଇଁ କ୍ୟାପ୍‌ଟେନ୍ ହୁକ୍ ପିଟରପାନ୍‌କୁ ଦୋଷୀ କରେ । କିନ୍ତୁ ଲୋହିତ ଭାରତୀୟମାନଙ୍କ ସାହାଯ୍ୟରେ ପରୀ ପିଲାମାନେ ଡ଼କାୟତଦଳଠାରୁ ଦୂରରେ ରହିପାରନ୍ତି ।

ଦିନେ ରାତିରେ ଓ୍ୱେଣ୍ଡି ପିଲାମାନଙ୍କୁ ଗପ କହୁଥିବା ବେଳେ, ବାପ ମାଆଙ୍କ କଥା ଖୁବ୍ ମନେ ପଡ଼ିଲା । ଶ୍ରୀ ଓ ଶ୍ରୀମତୀ ଡାର୍ଲିଙ୍ଗ୍, ତାକୁ, ଜନ୍ ଓ ମାଇକେଲକୁ କେତେ ଖୋଜୁଥିବେ । ଓ୍ୱେଣ୍ଡିର ଘରକୁ ଫେରିଯିବାକୁ ଭାରି ଇଚ୍ଛା ହେଲା । କିନ୍ତୁ ଅନ୍ୟ ପିଲାମାନେ ମନାକଲେ ।

ଓ୍ୱେଣ୍ଡି ବୁଝାଇଲା, ଆମେ ଫେରିଗଲେ, କେବଳ ଜନ୍; ମାଇକେଲ୍ ବା ମୋତେ ବାପ ମାଆ ରଖିନେବେ ନାହିଁ । ତୁମମାନଙ୍କୁ ବି ରଖିବେ । ଜନ୍ ଓ ମାଇକେଲ୍ ଭଳି ଅନ୍ୟ ସବୁ ପିଲାଙ୍କୁ ନିଜ ପିଲାଭଳି ପାଳିବେ । କେତେ ସ୍ନେହ ଆଦର କରିବେ ।

ଏ କଥା ଶୁଣି ସମସ୍ତେ ଖୁସି ହେଲେ । ଓ୍ୱେଣ୍ଡି ସାଙ୍ଗରେ ଯିବାକୁ ବାହାରିପଡ଼ିଲେ ।

କିନ୍ତୁ ପିଟର ଗଲା ନାହିଁ । ସହଜେ ତା'ର ଦେହ ଖରାପ ଥାଏ । ନାହିଁ ରାଇଜ ଛାଡ଼ି ମଣିଷ ରାଇଜକୁ ଯିବାକୁ ତା'ର ଇଚ୍ଛା ନ ଥାଏ ।

ୱେଣ୍ଡି ପିଟରକୁ ହେଳା କରେନାହିଁ । ଗଲାବେଳେ ବି ତା'ପାଇଁ ପଥି ଆଉ ଔଷଧ ଥୋଇ ଦେଇଗଲା ।

ଘେରଦଳ ବାହାରେ ଜଗି ଥିଲେ । ଯେମିତି ପିଲାମାନେ ବାହାରିଛନ୍ତି, ସବୁପିଲାଙ୍କୁ ମାଡ଼ି ବସି ନିଜ ନିଜ ଜାହାଜକୁ ନେଇଗଲେ । ହୁକ୍ ପିଟର୍‌କୁ ନ ପାଇ ରାଗିଗଲା । ସେ ତାକୁ ଏଣେ ତେଣେ ଖୋଜିଲା ।

ତେଣେ ପିଟର ଦୁଃଖରେ ଶୋଇପଡ଼ିଥାଏ ।

ପିଟର କେଉଁଠି ଶୋଇଛି, ହୁକ୍ ପାଇଲା ନାହିଁ । କିନ୍ତୁ ଔଷଧ ଜାଗାଟା ଦେଖି ପକାଇଲା ।

ହୁକ୍ ତ ଦୁଷ୍ଟ ପ୍ରକୃତରି । ତା' ମୁଣ୍ଡରେ ଖଳ ବୁଦ୍ଧି ବେଶୀ । ଔଷଧ ଜାଗାଟାରେ ତିନିଚାରି ଟୋପା ବିଷ ମିଶାଇ ଦେଲା । କେହି ଯେପରି ନ ଜାଣିପାରେ; ଚୁପ୍ ଚୁପ୍ ପଳାଇ ଆସିଲା ।

ପିଟର ନିଦରୁ ଉଠି ଔଷଧ ଖାଇବାକୁ ବାହାରିଛି ଟିଙ୍କରବେଲ "ସେଥିରେ ବିଷ ଅଛି, ଖାଅ ନାହିଁ" ବୋଲି ମନାକଲା ।

ବାରଣ ନ ମାନି ପିଟର୍ ଔଷଧ ପଇବାକୁ ଗଲାବେଳେ ଦେଖିଲା, ଔଷଧ ଜାଗାରେ ଗୋଟିଏ ଚକ୍‌ଚକ୍ ଆଲୁଅ ଜଳୁଛି ।

ଏ ହେଉଛି ଟିଙ୍କରବେଲ୍, ପିଟରକୁ ରକ୍ଷା କରିବାକୁ ଯାଇ ସେ ନିଜେ ବିଷ ପିଇଦେଇଛି ।

ପିଟର ଜାଣେ-ପିଲାମାନେ ଯେତେଥର ଖିଲି ଖିଲି ହସନ୍ତି, ସେତୋଟି ନୂଆ ପରୀ ଜନ୍ମ ହୁଅନ୍ତି । ସେହିପରି ପିଲାମାନେ ଯେତେଥର କହନ୍ତି ଯେ ପରୀ ରାଇଜରେ ବିଶ୍ୱାସ ନାହିଁ, ସେତୋଟି ସଂଖ୍ୟାରେ ପରୀ ମରିଯାଆନ୍ତି ।

ତେଣୁ ଟିଙ୍କରବେଲ୍‌କୁ ବଞ୍ଚାଇବାର ଗୋଟିଏ ମାତ୍ର ଉପାୟ ଥିଲା ।

ଦୁନିଆଯାକର ସବୁପିଲାଙ୍କୁ ଡାକଦେଇ ପଟର କହିଲା, ତୁମେ ସବୁ ପରୀ ରାଇଜରେ ବିଶ୍ୱାସ କର କି ?

ବହୁତ ପିଲା ଖିଲିଖିଲି ହସି ତାଳି ମାରିଲେ । ଟିଙ୍କରବେଲ୍ ବର୍ଞ୍ଚି ଉଠିଲା ।

ୱେଣ୍ଡି ଓ ଅନ୍ୟ ପିଲାମାନେ ଘେରଦଳ ହାତରେ ଧରା ପଡ଼ିଛନ୍ତି ବୋଲି ଟିଙ୍କର ବେଲ୍ ପିଟରକୁ କହିଲା । ନିଜର ଦେହ ଖରାପ ଥିବା କଥା ପିଟର ଭୁଲିଗଲା, ସେ ଦୌଡ଼ିଲା କ୍ୟାପଟେନ୍ ହୁକର ଜାହାଜକୁ ।

ହୁକ୍ ପିଲମାନଙ୍କୁ ଜାହାଜ ଭିତରୁ ଉପରକୁ ଆଣି ପଟାଉପରେ ବନ୍ଦୀ ଭଳି ଚଲାଉଥିଲା । ଏହି ସମୟରେ ଟିକ୍ ଟିକ୍ ଶବ୍ଦ ଶୁଭିଲା । ହୁକ୍‌ର ସବୁ ଖୁସି କୁଆଡ଼େ ଉଭେଇଗଲା । ପିଲମାନେ ଗ୍ରହିଁ ରହିଲେ, କୁମ୍ଭୀରଟା କେତେବେଳେ ଜାହାଜ ଉପରକୁ ଉଠିବ, ହୁକ୍‌କୁ ଖାଇବ ।

ହଠାତ୍ ପିଟରର ଆବିର୍ଭାବ ହେଲା । ଦୁହିଁଙ୍କଭିତରେ ଭୀଷଣ ଲଢ଼ାଇ ଲଗିଲା । କେତେ ଗ୍ରେର ଡରରେ ପାଣିକୁ ଡେଇଁ ପଡ଼ିଲେ । କେତେ ନାବିକ ପିଟର୍ ହାତରେ ମଲେ । ପିଟର୍ ଆସ୍ତେ ଆସ୍ତେ ହୁକ୍‌କୁ ଜାହାଜ ଧାରକୁ ନେଇଗଲା ।

ପରୀ ଭଳି ଯୁଦ୍ଧ କରୁଥିବା ଲୋକଟି କିଏ ବୋଲି ହୁକ୍ ପଗ୍ରରିଲା । ପିଟର କହିଲା, ମୁଁ ହେଉଛି ଚିରଶିଶୁ—ମୁଁ ସବୁଦିନେ ପିଲା—ସବୁବେଳେ ଆନନ୍ଦ । ଏତିକି ବେଳେ ସେ ହୁକ୍ ହାତରୁ ଖଣ୍ଡାଟା ଛଡ଼ାଇନେଇ ତାକୁ ଠେଲିଦେଲା ।

ତଳେ ଆଁ କରିଥିବା କୁମ୍ଭୀରର ପାଟିରେ ଗଳିପଡ଼ିଲା ହୁକ୍ ।

ଗୋଟାପୁଣି ଜାହାଜର ମାଲିକ ହୋଇ ପିଟର୍ ପିଲମାନଙ୍କୁ ଡାର୍ଲିଙ୍ଗଙ୍କ ଘରକୁ ନେଇଗଲା ।

ପିଲମାନଙ୍କୁ ନପାଇ ଶ୍ରୀ ଡାର୍ଲିଙ୍ଗ୍ ଖୁବ୍ ମନ ଦୁଃଖରେ ଥାଆନ୍ତି । କୁକୁରଟାକୁ ବାନ୍ଧି ରଖିବାରୁ ସିନା ଏତେ କଥା ହେଲା । ତେଣୁ ସେ ନିଜେ ଦୋଷୀ । ଏଥିପାଇଁ ନିଜକୁ ଦଣ୍ଡ ଦେବାପାଇଁ ଶ୍ରୀମତୀ ଡାର୍ଲିଙ୍ଗ୍ ନାନାର ଘରେ ଶୋଉଥାନ୍ତି ।

ଶ୍ରୀମତୀ ଡାର୍ଲିଙ୍ଗ୍ ପ୍ରତିଦିନ ଝରକା ଖୋଲି ରଖିଥାଆନ୍ତି । କାଳେ ପିଲମାନେ ଫେରିଆସିବେ ।

ଏବେ ପିଲମାନେ ଆସିଯିବାରୁ ତାଙ୍କ ଆନନ୍ଦ କହିଲେ ନ ସରେ । ସେମାନେ ସବୁ ପିଲାଙ୍କୁ ରଖିବାକୁ କହିଲେ । ପିଟରକୁ ବି ପୁଅ ଭଳି ପାଳିବେ କହିଲେ । ପିଟର ସିନା ମା'ଟିଏ ଗ୍ରହୁଁଥିଲା, କିନ୍ତୁ ସାଧାରଣ ମଣିଷ ପିଲାଭଳି ବଢ଼ିବ, ବଡ଼ ହେବ, ବୁଢ଼ା ହେବ ଏକଥା ଗ୍ରହୁଁ ନ ଥିଲା । ସେ କହିଲା, ପଳାଇବ, ସବୁଦିନେ ଛୋଟ ପିଲା ହୋଇ ରହିବ ।

ଶ୍ରୀମତୀ ଡାଲଙ୍ଗ ପିଟର୍ ପ୍ରତି ଦୟାଶୀଳା ହୋଇ କହିଲେ—ବର୍ଷରେ ଥରେ ଓ୍ୱେଣ୍ଡି ଯିବ, ପିଟର୍‌ର ମା' ହେବ, ସବୁ ସଫା ସୁତୁରା ରଖିବ ।

ବର୍ଷ ପରେ ବର୍ଷ ବିତିଗଲା, ପିଲାମାନେ ବଡ଼ ମଣିଷ ହେଲେ, ବୁଢ଼ାବୁଢ଼ୀ ହେଲେ । କିନ୍ତୁ ପିଟର୍ ଯେମିତି ସେମିତି ରହିଗଲା । ନାହିଁ ଗାଇଜର ଗଛ ଅଗରେ ସବୁବେଳେ ବସନ୍ତ । ସେଇଠି ପିଟର୍ ରହିଲା । ଓ୍ୱେଣ୍ଡିପାଇଁ ତିଆରି ହୋଇଥିବା ଘରଟିକୁ ପିଲାମାନେ ଗଛ ଅଗରେ ରଖିଦେଲେ । ଟିଙ୍କରବେଲର ଲୁଣ୍ଝୁଣ୍ ଶବ୍ଦରେ ସବୁଦିନେ ସେଠି ବସନ୍ତ ଲାଗିରହିଲା । ପିଟର୍ ଏବେ ବି ସେଠି ଛୁଆଟିଏ ହୋଇ ରହିଛି ।

ପିଲାଏ, ଏଗପଟି ଶୁଣିସାରିବା ପରେ ତୁମେମାନେ ପଚାରିବ—ଏ ଗପର ଲେଖକ କିଏ? ସ୍କଟଲାଣ୍ଡର ସାର ଜେମ୍ସ୍ ମାଥିଉବାରୀ "ପିଟରପାନ୍" ନାମକ ଗୋଟଏ ପରୀ ନାଟକ ଲେଖିଥିଲେ । ସେହି ନାଟକଟିରୁ ଗପଟି ନିଆହୋଇଛି । ପିଟରପାନ୍ ଏତେ ପ୍ରସିଦ୍ଧ ହୋଇଗଲା ଯେ, ପରବର୍ତ୍ତୀ କାଳରେ ଲେଖକମାନେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦୁଃସାହସିକ କାମରେ ପିଟରପାନ୍‌କୁ ମୁଖ୍ୟନାୟକ କରି ଗଳ୍ପମାନ ଲେଖିଛନ୍ତି ।



# ଡାମୋକ୍ଲିଜର ଖଣ୍ଡା

ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଚାରି ଶହ ବର୍ଷ ତଳର କଥା । ବର୍ତ୍ତମାନର ଗ୍ରୀସ୍‌ଦେଶ ଯେଉଁ ଅଞ୍ଚଳରେ ଅଛି ତହିଁର ସିସିଲି ନାମକ ଅଞ୍ଚଳରେ ସାଇରାକ୍ୟୁଜ୍ ନାମକ ଗୋଟିଏ ରାଜ୍ୟ ଥାଏ । ସେଠାରେ ଜଣେ ପ୍ରତାପୀ ରାଜା ଥାଆନ୍ତି । ତାଙ୍କ ନାଁ ଡାଓନିସିଅସ୍

ସବୁ ରାଜାଙ୍କ ଚାରିପଟେ ଯେପରି ପାତ୍ରମନ୍ତ୍ରୀ ଆଦି କର୍ମଚାରୀ ଘେରି ରହିଥାନ୍ତି, ଡାଓନିସିଅସ୍‌ଙ୍କ ରାଜପରିଷଦ୍‌ରେ ମଧ୍ୟ ସେହିଭଳି ଲୋକ ଥାଆନ୍ତି । ଏହି ଲୋକମାନଙ୍କୁ ପାରିଷଦ କୁହାଯାଏ । ରାଜ ଅନୁଗ୍ରହ ନ ପାଇଲେ ପରିଷଦ୍‌ରେ ରହିପାରିବେ ନାହିଁ ବୋଲି ଏମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲେ; ରାଜାଙ୍କୁ ତୋଷାମୋଦ କରିବା ଗୋଟିଏ ନିତିଦିନିଆ କାମ ହୋଇଯାଏ ।

ଏ ଦିଗରେ ଡାଓନିସିଅସ୍‌ଙ୍କ ପରିଷଦ୍‌ମାନଙ୍କ ମଧ୍ୟରେ ଡାମୋକ୍ଲିଜ୍ ଖୁବ୍ ଆଗୁଆ ଥିଲା ।

ଅନ୍ୟ ପାରିଷଦମାନଙ୍କଠାରୁ ସେ ରାଜାଙ୍କୁ ବେଶୀ ଚୁଡ଼ାଏ ତୋଷାମଦ କରେ । ପ୍ରତିଦିନ ରାଜାଙ୍କ ଛାମୁକୁ ଆସିବା କ୍ଷଣି ଡାମୋକ୍ଲିଜ୍ କହେ, "ଛାମୁ କେଡ଼େ ସୁଖୀ । ମଣିଷ ଜୀବନରେ ଯାହା କିଛି ଚାହେଁ, ସେ ସମସ୍ତ ଛାମୁଙ୍କ ପାଖରେ ଅଛି ।"

ଡାଓନିସିଅସ୍ ଜଣେ ନିଷ୍ଠୁର ଶାସକ ଥିଲେ । ବିଳାସବ୍ୟସନ ପୂର୍ଣ୍ଣ ରାଜପ୍ରାସାଦରେ ସେ ରହନ୍ତି, କିନ୍ତୁ ପ୍ରଜାମାନେ ତାଙ୍କୁ ନିଷ୍ଠୁର, ପ୍ରଜାପୀଡ଼କ ବୋଲି ଜାଣନ୍ତି । ନିର୍ଦ୍ଦୟ ପ୍ରକୃତି ଯୋଗୁ ଓ ଉତ୍ପୀଡ଼ନ କରି ପ୍ରଜାମାନଙ୍କଠାରୁ

ଖଜଣା ଆଦାୟ କରୁଥିବାରୁ ଲୋକେ ଡାଓନିସିଅସ୍‌ଙ୍କୁ ଘୃଣା କରୁଥାଆନ୍ତି । ଏକଥା ତାଙ୍କୁ ଜଣାଥାଏ, ତେଣୁ କାଳେ କେତେବେଳେ କେଉଁଠି ଆତତାୟୀ ଯୁଟିଯିବ, ସେହି ଭୟରେ ସେ ସଦାସର୍ବଦା ପ୍ରହରୀମାନଙ୍କ ଗହଣରେ ରହୁଥା'ନ୍ତି ।

ରଜାଙ୍କର ଶହ ଶହ ଚାକର ଚାକରାଣୀ, ବହୁତ ମୂଲ୍ୟବାନ ଆସବାବ ପତ୍ର ଓ ସ୍ୱାଦିଷ୍ଟ ଖାଦ୍ୟପେୟ ଦେଖି ଡାମୋକ୍ଲିଜ୍ କେବେ ଭାବିପାରେ ନାହିଁ ଯେ ରଜାଙ୍କର ଦୁଃଖ କଷ୍ଟ କିଛି ଥାଇପାରେ । ସବୁଦିନ ପରି ସେ ଦିନେ ପୁଣି "ରଜା କେଡ଼େ ସୁଖରେ ଅଛନ୍ତି" କହି ତୋଷାମଦ କରୁଥିବା ବେଳେ, ଡାଓନିସିଅସ୍ କହିଲେ , "ବନ୍ଧୁ ! ତୁମର ଈର୍ଷା ହେଉଛି । ଥରେ ଗାଦିରେ ବସି ଦେଖ ।"

ଡାମୋକ୍ଲିଜ୍‌ର ଖୁସି କହିଲେ ନ ସରେ । ସେ ସାଙ୍ଗେ ସାଙ୍ଗେ କହିଲା "ଛାମୁ ! ଆପଣଙ୍କ ଭୋଗବିଳାସ ମାତ୍ର ଦିନଟିଏପାଇଁ ଦିଅନ୍ତୁ । ବେଶୀ ଦିନ ଚାହେଁ ନାହିଁ କି ବେଶୀ ସୁଖ ମୁଁ ଚାହେଁ ନାହିଁ ।"

"ଠିକ୍ ଅଛି । ତାହା ହିଁ ହେବ," ଡାଓନିସିଅସ୍ କହିଲେ ।

ପରଦିନ ଡାମୋକ୍ଲିଜ୍‌କୁ ରାଜପ୍ରାସାଦକୁ ନିଆଗଲା । ରଜାଙ୍କ ଆଦେଶ ଅନୁଯାୟୀ ଚାକରବାକର ସମସ୍ତେ ଡାମୋକ୍ଲିଜ୍‌କୁ ରଜା ଭଳି ମାନିଲେ, ଅଭ୍ୟର୍ଥନା କଲେ । ରାଜକୀୟ ଆଡ଼ମ୍ବରରେ ତାକୁ ଭୋଜନ କକ୍ଷକୁ ନିଆଗଲା । ଟେବୁଲଉପରେ କ'ଣ ଯେ ନ ଥିଲା କହି ହେବ ନାହିଁ । ଖାଦ୍ୟପେୟ ଛଡ଼ା ବାସନା ଫୁଲ, ଅତରର ମହକ ଓ ଶ୍ରୁତିମଧୁର ସଙ୍ଗୀତ, ଏସବୁ ଉପଭୋଗ କରିବାପାଇଁ ଡାମୋକ୍ଲିଜ୍ ମୁଲାୟମ୍ ମଖମଲ୍ ଗଦିରେ ବସିଗଲା ।

ଉପରେ କିପରି କ'ଣ ସାଜସଜ୍ଜା ହୋଇଛି ଜାଣିବାପାଇଁ ସେ ଯେମିତି ଆଖି ଟେକିଛି ଦେଖିଲା, ଛାତରୁ ଗୋଟିଏ ସୁନା ତରବାରି ଠିକ୍ ତା' ମୁଣ୍ଡ-ଉପରେ ଝୁଲୁଛି । ତରବାରୀଟିର ମୁନ ତା' ମୁଣ୍ଡକୁ ଛୁଇଁଲା ଭଳି ମନେ ହେଉଛି । ଏ ଧାରୁଆ ତରବାରିଟି ଛାତରୁ ଗୋଟିଏ ଘୋଡ଼ାବାଳରେ ବନ୍ଧାହୋଇ ଝୁଲୁଛି । ଯଦି ବାଳଟି ଛିଡ଼ିଯାଏ, ତେବେ କ'ଣ ହେବ ? ଏହି ବିପଦ ଆଶଙ୍କା ପ୍ରତି ମୁହୂର୍ତ୍ତରେ ଡାମୋକ୍ଲିଜ୍‌କୁ ଘାରିଲା ।

ଡାମୋକ୍ଲିଜ୍ ରାଜପ୍ରାସାଦକୁ ପଶିଆସିଲାବେଳେ ତା' ମୁହଁରେ ଆନନ୍ଦର ଯେଉଁ ହସ ଖେଳି ଯାଇଥିଲା, ତାହା କୁଆଡ଼େ ଉଭେଇଗଲା । ମୁହଁଟା ପାଉଁଶିଆ ପଡ଼ିଗଲା । ହାତ ଥରିବାକୁ ଲାଗିଲା । ଆଉ ଖାଇବ କଅଣ, ନା ପିଇବ କଅଣ ?



ଅତର ଗନ୍ଧେଇଲା, ସଙ୍ଗୀତ ବିରକ୍ତିକର ଲାଗିଲା । ତା'ର ଗୋଟିଏ ଚିନ୍ତା ହେଲା, ସେ କେମିତି ଗଦିରୁ ଉଠି ପଳାଇବ ।

ଡାମୋକ୍ଲିଜ୍‌ର ବିଚଳିତ ଭାବ ଦେଖି ଡାଓନିସିଅସ୍ ପଚାରିଲେ, "କଥା କ'ଣ ? ତୁମେ କାହିଁକି ଚିନ୍ତିତ ଦେଖାଯାଉଛ ?"

"ସେ ଖଣ୍ଡାଟା ! ସେ ଖଣ୍ଡାଟା"—ଏତକ ପାଟି କରିବା ଛଡ଼ା ଡାମୋକ୍ଲିଜ୍ କିଛି କହିପାରିଲା ନାହିଁ । ଏତେ ଡରି ଯାଇଥିଲା ଯେ ସେ ହଲଚଲ ବି ଟିକେ ହେଲା ନାହିଁ ।

ଡାଓନିସିଅସ୍ କହିଲେ, "ହଁ, ମୁଁ ଜାଣେ, ତୁମ ମୁଣ୍ଡଉପରେ ଗୋଟିଏ ଖଣ୍ଡା ଝୁଲୁଛି, ଯେ କୌଣସି ମୁହୂର୍ତ୍ତରେ ପଡ଼ିପାରେ । କିନ୍ତୁ ସେଥିରେ ତମର ଚିନ୍ତା କାହିଁକି ? ଏହି ଖଣ୍ଡା ଭଳି ବିପଦ ମୋ ମୁଣ୍ଡରେ ବି ସବୁବେଳେ ଝୁଲୁଛି । ଯେ କୌଣସି ମୁହୂର୍ତ୍ତରେ ମୋର ପ୍ରାଣନାଶ ହୋଇ ରାଜ୍ୟ, ଧନ ସବୁ ଚାଲିଯାଇପାରେ ।"

"ମୋତେ ଛାଡ଼ି ଦିଅ," ଡାମୋକ୍ଲିଜ୍ ଅନୁନୟ ବିନୟ କରି କହିଲା, "ମୁଁ ଭୁଲ ବୁଝିଥିଲି । ବଡ଼ ଲୋକ ହେଲେ କି ପ୍ରତାପଶାଳୀ ହେଲେ ଲୋକ ଖୁସିରେ ଥାଏ ବୋଲି ମୋର ଧାରଣା ଥିଲା । ମୋ ଗରୀବ କୁଡ଼ିଆକୁ ମୁଁ ଫେରିଯିବି, ସେଠି ବରଂ ସୁଖରେ ଦିନ କାଟିପାରିବି ।"

ସେହିଦିନଠାରୁ ଡାମୋକ୍ଲିଜ୍ ଆଉ କେବେ କାହାରି ଧନ ଦେଖି ବା ବଡ଼ଲୋକି ଦେଖି ସେହିପରି ଧନୀ ହେବାକୁ ଇଚ୍ଛା କଲା ନାହିଁ । ଈର୍ଷା ଦ୍ୱେଷ ଛାଡ଼ି ନିଜ ଉପାର୍ଜନରେ ସୁଖରେ ପରିବାର ଚଳାଇଲା । ସେହିଦିନଠାରୁ ଇଂରାଜୀ ଭାଷାରେ ପ୍ରବଚନ ରହି ଆସିଲା, ଏହାର ଆକ୍ଷରିକ ଅନୁବାଦ ହେଉଛି "ନିଜ ମୁଣ୍ଡଉପରେ ଡାମୋକ୍ଲିଜ୍‌ର ଖଣ୍ଡା ଝୁଲୁଥିବା ଅନୁଭବ କରିବା" । ଏହାର ଅର୍ଥ, "ଆସନ୍ନ ବିପଦ ଅନୁଭବ କରିବା ।"

❁ ❁ ❁

# କାମ ନେଇ ଫଳ

ପିଲାମାନେ ତୁମେ ଶୁଣିଥିବ—ଟିକେ ଟିକେ କଥାରେ ଲୋକେ କହନ୍ତି—ସେ କଣ କରିବ— କାମ ନେଇ ଫଳ ପାଇଲା । କେହି ଯଦି କୌଣସି ପରୀକ୍ଷାରେ ଫେଲ୍ ହେଲା, ଖେଳରେ ହାରିଗଲା, କି ଯାହା ଘଟିବା ଉଚିତ୍ ଥିଲା ତାହା ନ ଘଟିଲା, ଗୁରୁଜନମାନେ କହନ୍ତି, ଯେମିତି ପଢ଼ିଲା ସେମିତି ଫଳ ପାଇଲା । ଯେମିତି ଖେଳିଲା ସେଥିରେ ହାରିବ ନାହିଁ ତ ଆଉ କଣ ହେବ ? ମୁଁ ପରା ସେମିତି କର ନାହିଁ ବୋଲି କହୁଥିଲି । ସେ ଯେମିତି କାମ କଲା ସେମିତି ଫଳ ପାଇଲା ।

ଏସବୁ କଥା ଗୁରୁଜନମାନେ ଯେତେବେଳେ କହନ୍ତି, ସେମାନେ କାମର ଦୋଷ ଦିଅନ୍ତି ନାହିଁ । କାମଟା କିପରି କରିଲ, ପରିଶ୍ରମ କିପରି କଲ, ବା ପଢ଼ାପଢ଼ି କିପରି କଲ, ସେ ବିଷୟଉପରେ ଜୋର ଦିଅନ୍ତି । କାମଟା ଯେପରି କରିବା ଉଚିତ ସେପରି କଲେ, ମନ ଲଗାଇ ପରିଶ୍ରମ କଲେ ଫଳ ନିଶ୍ଚୟ ମିଳିବ ।

ତୁମେ ଶୁଣିଥିବ, ବାପା ଦାଦା କି ଭାଇ କହୁଥିବେ, ଦେଖ୍ ସେ କିପରି ଦିନରାତି ଚବିଶ ଘଣ୍ଟା ଖଟୁଛି । ସେ ଭଲ କରିବ ନାହିଁ ତ, ତୁ ଭଲ କରିବୁ ?

ଏମିତି କଥାରେ ଅତିରଞ୍ଜନ ଥାଏ । ଚବିଶ ଘଣ୍ଟା କେହି ପଢ଼ିପାରିବ ନାହିଁ । ଶୋଇବ କେତେବେଳେ ? ଗାଧୁଆ ପାଧୁଆ କରିବ କେତେବେଳେ ବା ଖାଇବ ପିଇବ କେତେବେଳେ ? ଏମିତି କହିବାର ଅର୍ଥ ବେଶୀ ସମୟ ଖଟଣି କର ।

ଖଟିବାର ବି ସୀମା ଅଛି, ଏ ସୀମା କେବଳ ପରିମାଣର ନୁହେଁ, ଗୁଣର ମଧ୍ୟ । ଯଦି ଇତିହାସ ବହିର ପ୍ରତ୍ୟେକ ଧାଡ଼ି ଘୋଷିବ, କାହିଁକି

ଏପରି ଲେଖା ହୋଇଛି ବୁଝିବ ନାହିଁ, ତେବେ ପରୀକ୍ଷା ସମୟରେ ଗୋଟିଏ ଧାଡ଼ି ମନେ ନ ପଡ଼ିଲେ ଗୋଟିଏ ଗୋଟିଏ ଅନୁଚ୍ଛେଦ ପାଶୋରିଯିବ ।

ମୁ ଦେଖିଛି ଜଣେ ଜଣେ ପିଲା ଘୋଷୁଥିବେ, ଆକବର ଜଣେ ମହାନ ସମ୍ରାଟ ଥିଲେ, ଆକବର ଜଣେ ମହାନ ସମ୍ରାଟ ଥିଲେ......।କୋଉ କଥାଟା ମନେ ରଖିବା ଉଚିତ, କୋଉ ବାକ୍ୟଟା ଉପରେ ଖାଲି ଆଖି ବୁଲାଇ ଆଣିବା ଉଚିତ୍ ଏହି ଘୋଷବନ୍ତ ପିଲାମାନେ ବାଛବିଚାର କରନ୍ତି ନାହିଁ । ମନେ ରଖ, ବାଛବିଚାର ନ କଲେ, ପଢ଼ିଲାବେଳେ କ'ଣ ପଢ଼ୁଛ ବୁଝି ସୁଝି ନ ପଢ଼ିଲେ ଫଳ ଭଲ ହେବ ନାହିଁ ।

ଏ ବିଷୟରେ ମୁଁ ଗୋଟିଏ ଗପ କହୁଛି, ଶୁଣ ।

କଟକ ଜିଲାର ଗୋଟିଏ ଗାଁ, ହରିପୁର । ସେ ଗାଁର ପ୍ରାଥମିକ ବିଦ୍ୟାଳୟରେ ବହୁତ ପିଲା । ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କ ନାମ ରବୀନ୍ଦ୍ର ଓ ଜିତେନ୍ଦ୍ର । ଡାକ ନାଁ ରବି ଓ ଜିତୁ । ତୁମେ କହୁଥିବ—ଏହି ଦୁଇଜଣଙ୍କ ନାମ କାହିଁକି ବାଛିଲି । ଗୋଟିଏ କଥା—ଏ ଦୁଇ ଜଣଙ୍କ ଘର ରାସ୍ତାର ଏ ପାଖ ସେପାଖ । ଦ୍ୱିତୀୟ କଥା—ଏ ଦୁହିଁଙ୍କ ବାପ ମା' ଙ୍କ ଭିତରେ ଖୁବ୍ ପ୍ରତିଯୋଗିତା । କଥା କଥାରେ ବାପା ମା'ମାନେ ଦୁହିଁଙ୍କ କାମର ତୁଳନା କରନ୍ତି ।

ରବିର ବାପା କହନ୍ତି, "ଆରେ ରବି । ଜିତୁ କେଡ଼େ ଭଲ ପଢ଼ୁଛି । ୩ୟ ଶ୍ରେଣୀରେ ପ୍ରଥମ ହେଲା, ବୃତ୍ତି ପାଇଲା । ତୋଦ୍ୱାରା ଶାଗ ସିଝିଲା ନାହିଁ । ତୁ କେବେ ମଣିଷ ହେବୁ, ବାପା ମା'ଙ୍କ ନାଁ ରଖିବୁ ?"

ସବୁ ଦିନେ ଏମିତି ଶୁଣି ଶୁଣି ରବିର ବଡ଼ ରାଗ ହୁଏ । ସେ ଭାବେ ଜିତୁ ଯୋଗୁ ସିନା ଏମିତି ଶୁଣିବାକୁ ପଡ଼ୁଛି । ଗାଁରେ ଜିତୁଟା ନ ଥିଲେ କେଡ଼େ ଭଲ ହୋଇଥା'ନ୍ତା ।

ସେ ପୁଣି ଭାବେ—ଜିତୁକୁ ତ ଗାଁରୁ ତଡ଼ି ଦେଇ ହେବ ନାହିଁ । ଭଲ ଫଳ କରିବାପାଇଁ ଚେଷ୍ଟା କରିବାକୁ ପଡ଼ିବ ।

ଏଥିପାଇଁ ଘୁରିଆଡ଼ୁ ସେ ଉପଦେଶ ଶୁଣେ ।

ଶିକ୍ଷକ କହନ୍ତି—ପରିଶ୍ରମ କର । ଯେତେ ଖଟିବୁ, ସେତେ ଭଲ ଫଳ ପାଇବୁ ।

ବାପା କହନ୍ତି—ଚଗଲାମି ଛାଡ଼ି ଦେ । ବୁଲାବୁଲି କମ୍ କରିଦେ । ପଢ଼ା ଘରେ ଚୁପ୍‌ଚାପ୍ ବସି ବହି ଧର ।

ମା' କହନ୍ତି—ମୁଁ ଦେଖିଛି ଜିତୁ ବଡ଼ିଭୋରରୁ ଉଠି ପଢ଼ାପଢ଼ି କରେ । ବଡ଼ି ସକାଳ ସରସ୍ୱତୀ ମୁହୂର୍ତ୍ତ । ସେତେବେଳେ ଯାହା ପଢ଼ିବୁ, ମନେ ରହିବ ।

ଏମିତି କେତେ କ'ଣ ଉପଦେଶ ରବି ଶୁଣିଲା । ଏଣକି ସେ ଠିକ୍ କଲା, ଠିକ୍ ଠିକ୍ ପଢ଼ାପଢ଼ି କରିବ । ଜିତେନ୍ଦ୍ର ଭଳି ବୃତ୍ତି ପାଇବ । ପଡ଼ିଶା ଘରେ ଲଣ୍ଠନ ଜଳୁଥିବା ପର୍ଯ୍ୟନ୍ତ ଜିତେନ୍ଦ୍ର ପଢ଼ୁଥାଏ ବୋଲି ସେ ଜାଣେ ।

ରବି କହିଲା, ''ମା, ତାଙ୍କ ଘରେ ଆଲୁଅ ନ ଲିଭିବା ପର୍ଯ୍ୟନ୍ତ ମୋତେ ଖାଇବାକୁ ଡାକିବୁ ନାହିଁ ।"

ପିଲାର ଏ ପ୍ରକାର ପରିବର୍ତ୍ତନ ଦେଖି ବାପା ମା ବେଶ ଖୁସି । ରବି ରାତି ଦଶଟା ପରେ ମଧ୍ୟ ପଢ଼ାପଢ଼ି କଲା । ବଡ଼ି ସକାଳୁ ଉଠି ପଢ଼ିଲା । ସବୁବେଳେ ପଢ଼ାଘରର କବାଟ ଆଉ ଝରକା ପାଖରେ ଆଲୁଅ ଦେଖାଗଲା । ଚତୁର୍ଥ ଶ୍ରେଣୀ ପରୀକ୍ଷାରେ ରବି ପ୍ରଥମ ହେବ, ଜିତୁଠାରୁ ଆଗେଇ ଯିବ, ଏଇ ଆଶାରେ ରବିର ବାପା ମା ବେଶ ଖୁସି ହେଲେ ।

ପରୀକ୍ଷା ଚାଲିଥିବା ସମୟରେ ମା ଶୁଭ କଳସ ବସାଇ ରବିକୁ ବିଦାୟ ଦେଲେ । ପରୀକ୍ଷାରୁ ପ୍ରତିଦିନ ଫେରିଲେ, ବାପା ମା ପଚାରନ୍ତି, "କିରେ ପରୀକ୍ଷାରେ କିପରି କଲୁ ?" ରବି କହେ, "ଭଲ ହୋଇଛି ।"

କିନ୍ତୁ କ'ଣ ହେଲା ? ମେ ମାସରେ ଫଳ ବାହାରିଲା । ରବି ଯେଉଁପରିକୁ ସେହିପରି । ତୃତୀୟ ଶ୍ରେଣୀରୁ ଉଠିଲା ବେଳେ ଯେଉଁଭଳି ପ୍ରଥମ ପାଞ୍ଚ ଜଣଙ୍କ ଭିତରେ ଥିଲା, ଏବେ ବି ତାର ଅବସ୍ଥା ପଞ୍ଚମ ।

ରବି ଯେ ଭଲ ପଢ଼ିଲା, ଏଣିକି ୫ମ ଶ୍ରେଣୀରେ ବୃତ୍ତି ପାଇବ—ଏସବୁ ଆଶା ବାପା ମା'ଙ୍କ ମନରୁ ତୁଟିଗଲା । ରବିକୁ ଖୁବ୍ ଗୁଡ଼ାଏ ଗାଳି ଗୁଲଜ ମିଳିଲା ।

ରବି ଭାବିଲା, ସେ ଏତେ ପରିଶ୍ରମ କଲା, ଦୋଷ ରହିଲା କେଉଁଠି ? ବାପା ମା' ବି ଭାବିଲେ, ପିଲାଟା ଏତେ ଖଟିଲା, ଫଳତ କିଛି ଭଲ ହେଲା ନାହିଁ । ତା' କର୍ମରେ ଯାହାଥିବ !

କିନ୍ତୁ ରବିର ବାପା ଏତକ କହିଦେଇ ଚୁପ୍ ରହିଲେ ନାହିଁ । ସେ ଠିକ୍ କଲେ ରବିର ପଢ଼ାପଢ଼ି କିପରି ହେଉଛି ସେ ନିଜେ ଦେଖିବେ । ରବିର ପରିଶ୍ରମର ଫଳ କାହିଁକି ମିଳୁ ନାହିଁ ସେ ଲକ୍ଷ୍ୟ କରିବେ ।

୬ମ ଶ୍ରେଣୀରେ ବର୍ଷ ଆରମ୍ଭରୁ ରବି ଦେଖିଲା, ବାପା ତା' ପଢ଼ାଘର ପ୍ରତି ବେଶ୍ ଆଖି ରଖୁଛନ୍ତି । ତାକୁ ଖୁବ୍ ଡର ଲାଗିଲା । ସେ ଭାବିଲା ଏଣିକି ନିଦକୁ ଦୂରେଇଦେଇ ସେ ସବୁବେଳେ ପଢ଼ାପଢ଼ି କରିବ ।

ଦିନେ ରାତି ସାଢ଼େ ଆଠଟା ପାଖାପାଖି ରବିକୁ କିଏ ହଲାଇଦେଲା । ରବି ଚମକି ପଡ଼ି ଦେଖିଲା, ତା'ର ବାପା ଠିଆ ହୋଇଛନ୍ତି । ଏଥର ବେଶ୍ ଭଲ ରକମର ଗାଳି ହେବ ବୋଲି ରବି ଭାବି ନେଲା । ଡରରେ ଥରିଗଲା ।

ବାପା କହିଲେ, ମସିଣା ମୁଣ୍ଡରେ ଲଣ୍ଠନ ଜଳୁଛି । ଇତିହାସ ବହିଟା ମେଲା ହୋଇପଡ଼ିଛି । ତୋର ଡାହାଣ ହାତ ବହିଉପରେ ପଡ଼ିଛି । ତୁ ଆଣ୍ଠେଇ ପଡ଼ି ଶୋଇଯାଉଛୁ । ଏ ସବୁର ମାନେ କ'ଣ ? ଯେତେବେଳେ ଦେହକୁ ନିଦ ଦରକାର, ସେତେବେଳେ ଜବରଦସ୍ତ ଚେଇଁ ରହିବା ଭଲ ନୁହେଁ । ଦେହରେ ଦୁର୍ବଳତା ବଢ଼ିବ । ପଢ଼ିବାକୁ ମନ ବଳବ ନାହିଁ କି ପଢ଼ିଲେ ମନେ ରହିବ ନାହିଁ । ଏ ପ୍ରକାର ପରିଶ୍ରମ ପ୍ରକୃତ ପରିଶ୍ରମ ନୁହେଁ । ତୋତେ ଯେତେବେଳେ ନିଦ ଲାଗିବ ବା ଢୁଳା ଆସିଯିବ, ତୁ ବିଛଣାରେ ଶୋଇପଡ଼ିବୁ । ଭଲ ନିଦ ହେଲେ ଯେତେବେଳେ ଉଠିବୁ ସତେଜ ଲାଗିବ, ଯାହା ପଢ଼ିବୁ ମନେରହିବ ।

ବାପା ପୁଣି କହିଥିଲେ, ଜୋର ଜବରଦସ୍ତ ପାଠ ପଢ଼ିବା ଦରକାର ନାହିଁ । ଯାହା ପଢ଼ୁଛୁ, ବୁଝ । ଯେଉଁଟା ବୁଝି ନ ପାରୁଛୁ, ଟିପି ରଖ, ଶିକ୍ଷକଙ୍କୁ କି ମୋତେ ପଚାରିବୁ । ବୁଝିଗଲେ କଥାଟା ବଡ଼ ସହଜରେ ମନେ ରହିବ; ପାଠକୁ ବାଟି କି ପିଇଗଲେ ବି ମନେ ରହିବ ନାହିଁ ।

ବାପା ସେଦିନ ରବିକୁ ନେଇ ବିଛଣାରେ ଶୋଇ ଦେଇଥିଲେ । ଗାଳି ବଦଳରେ ରବି ଆଶ୍ୱାସନା ପାଇଲା ।

ଏଣିକି ରବି ଜିତୁର ପଢ଼ାଘର ଆଲୁଅକୁ ଗ୍ରହି ରହିଲା ନାହିଁ । ବାପାଙ୍କ କହିବା ଅନୁଯାୟୀ ନିଦ ଲାଗିଲେ ସେ ଶୋଇପଡ଼ିଲା ।

ଏଇଭଳି ଆଉ ଗୋଟିଏ ଘଟଣା ଘଟିଲା । ବଢ଼ି ଭୋରରୁ ଉଠି ପଢ଼ିବା ପାଇଁ ରବି ମା'ଙ୍କୁ କହିଥାଏ । ସେ ସେଦିନ ଭୋର ୪ଟାରେ ରବିକୁ ଉଠାଇ ଦେଲେ ସକାଳ ହେବାକୁ ଆହୁରି ଦୁଇ ଘଣ୍ଟା ଥାଏ । ମା କହିବା ଅନୁଯାୟୀ ମୁହଁ ହାତ ଧୋଇଧାଇ ରବି ପଢ଼ି ବସିଲା । ବାପା ମା' ଶୋଇ ଗଲେ । ପ୍ରାୟ ୫ଟା ବେଳକୁ ଗୋଟିଏ ଚିତ୍କାର ଶୁଣି ବାପା ମା' ଉଠି ପଡ଼ିଲେ । କ'ଣ ହେଲା ଦେଖିବାକୁ ରବିର ପଢ଼ାଘରକୁ ଦୌଡ଼ିଗଲେ । ଦେଖିଲେ ରବିର ମଥାରେ ନିଆଁ ଚିଆଁ ଲାଗିଯାଇଛି । ଘଟଣାଟା ଜଣା ପଡ଼ିଗଲା ।



ପଢ଼ୁ ପଢ଼ୁ ରବି ଢୋଳେଇ ପଡ଼ିଛି । ଲଣ୍ଠନଉପରେ ମୁଣ୍ଡ ପିଟି ହୋଇଯାଇଛି । ତାତିଲା ଲଣ୍ଠନର ଟିଣ ବାଜି ତାକୁ ଚମ ସିଝାଇ ଦେଇଛି, ଫୋଟକା କରିଦେଇଛି । ଏହି ଚିଆଁରେ ରବି ଚିତ୍କାର କରିଉଠିଛି ।

ରବିକୁ ପଢ଼ିବାକୁ ଜବରଦସ୍ତ କରିବା ବୃଥା । ଏ ଅବସ୍ଥାରେ ତାକୁ ଗାଳିଦେବା ଅନୁଚିତ ।

ବାପା ବୁଝାଇ କହିଲେ, "ରବି, ତୋତେ ପର କହିଥିଲି ନିଦ ମାଡ଼ିଲେ ପଢ଼ା ବନ୍ଦ କରିଦେଇ ବିଛଣାକୁ ଚାଲିଯିବୁ । ଭଲ ନିଦ ହେଲେ ଦେହ ସତେଜ ରହିବ । ଯେତେବେଳେ ଆପେ ଆପେ ତୁ ବିଛଣାରୁ ଉଠିବୁ, ପଢ଼ାପଢ଼ି କରିବାକୁ ବେଶୀ ଆଗ୍ରହ ଆସିବ ।

ସେଇଦିନଠାରୁ ରବି ଆଉ ଡେରି କରି ଚେଇଁଲା ନାହିଁ । ରାତି ହେଉ କି ବ୍ରାହ୍ମ ମୁହୂର୍ତ୍ତ ହେଉ ନିଦ ଲାଗିଲେ ରବି ଶୋଇପଡ଼େ, ନିଦ ଭାଙ୍ଗିଲେ ପଢ଼ାପଢ଼ି ଆରମ୍ଭ କରିଦିଏ । ରବି ଏଥର ଦେଖିଲା, ଅନୁଭବ ବି କଲା ଯେ ପାଠ ପଢ଼ିବାଟା ତାକୁ ଏବେ ଗୋଟିଏ ବୋଝ ଭଳି ଲାଗୁ ନାହିଁ । ଏଣିକି ଯାହା ପଢ଼ୁଛି, ତାହା ମନେରହୁଛି, ଖେଳା-ଖେଳି କରିବାକୁ ବି କିଛି ସମୟ ମିଳୁଛି । ଅବୁଝା ପାଠ ବିଷୟରେ ଶିକ୍ଷକ ବା ବାପା ମା' ଯାହା ବୁଝାଇ ଦେଉଛନ୍ତି, ବୁଝି ହେଉଛି ।

ପଞ୍ଚମ ଶ୍ରେଣୀରେ ବୃତ୍ତି ପରୀକ୍ଷା ଦେବାପାଇଁ ବଛାବଛି ହେଲା । ପରୀକ୍ଷାରେ ରବୀନ୍ଦ୍ର ଓ ଜିତେନ୍ଦ୍ର ଦୁହିଁଙ୍କର ନମ୍ବର ପାଖାପାଖି ରହିଲା । ସ୍କୁଲର ପ୍ରଧାନ ଶିକ୍ଷକ ରବିର ସଫଳତା ଦେଖି ଜିତେନ୍ଦ୍ର ସାଙ୍ଗରେ ତାକୁ ମଧ୍ୟ ବୃତ୍ତି ପରୀକ୍ଷାପାଇଁ ପଠାଇଲେ । ଯଥା ସମୟରେ ପରୀକ୍ଷାର ଫଳ ବାହାରିଲା । ସାରା ସବ୍‌ଡିଭିଜନ୍‌ରେ ଯେଉଁ ପାଞ୍ଚ ଜଣ ପିଲା ବୃତ୍ତି ପାଇଲେ, ସେମାନଙ୍କ ମଧ୍ୟରେ ହରିପୁର ପ୍ରାଥମିକ ବିଦ୍ୟାଳୟର ଦଇଟିଯାକ ଛାତ୍ର ଥିଲେ; ରବୀନ୍ଦ୍ର ଓ ଜିତେନ୍ଦ୍ର ।

ପିଲାମାନେ, ତୁମେ ଏବେ ଜାଣୁଥିବ, ଖାଲି ଗୁଡ଼ାଏ ପରିଶ୍ରମ କଲେ ହେବ ନାହିଁ, ମନ ଦେଇ ପରିଶ୍ରମ କର, ମନ ଲଗାଇ ପଢ଼, ଫଳ ନିଶ୍ଚୟ ଭଲ ହେବ ।

# ଛୁରୀ ଖିରୀ

ଆମେ ବେଳେ ବେଳେ ଖବର କାଗଜରେ ପଢ଼ୁ, ଅମୁକ ଲୋକ ସାଇକେଲରେ ପୃଥିବୀ ଭ୍ରମଣ କରିଆସିଲା, ସମୁକ ଲୋକ ସାରା ଭାରତ ଖାଲି ପାଦରେ ଘୂରିଆସିଲା । ଇଚ୍ଛା ହୁଏ, ଆମେ ସେମିତି ଯାଆନ୍ତେ କି ! ବାଟରେ କେତେ ଦୁଃଖ କଷ୍ଟ ସେମାନେ ସହନ୍ତି, ଏ କଥା ଆମେ ଭାବିପାରୁ ନା । ଦିନେ ଦିନେ ସନ୍ଧ୍ୟା ହେବା ବେଳକୁ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳେ ନାହିଁ, ଜୀବନ ପ୍ରତି ବିପଦ ତ ପୁଣି ଅଛି ।

ଭାରତ ଭ୍ରମଣରେ ଯାଇଥିବା ଏମିତି ଜଣେ ସାହସୀ ଯୁବକ ଥରେ ଗୋଟିଏ ଜଙ୍ଗଲଭିତରେ ଯାଉ ଯାଉ ସନ୍ଧ୍ୟା ହୋଇ ଆସିଲା । ଘରଟିଏ ନ ଦେଖିଲେ ଏ ଅନ୍ଧକାର ଜଙ୍ଗଲରେ ରାତି କଟାଇବା ବଡ଼ ମୁସ୍କିଲ ହେବ, ତେଣୁ ଚଞ୍ଚଳ ଚଞ୍ଚଳ ପାଦ ପକେଇ ଯାଉ ଯାଉ ସେ ଦୂରରୁ ଗୋଟିଏ ଆଲୁଅ ଦେଖିଲା । ଆଦିବାସୀ ଗାଁର ମୁଣ୍ଡରେ ସାହୁକାରର ଘର । ସାହୁକାରମାନେ କୃପଣ—ଏତକ ଯୁବକଟିକୁ ଜଣା ନ ଥିଲା , ଦୁଆର ମୁହଁରେ ପହଞ୍ଚି କବାଟ ଠକ୍ ଠକ୍ କଲା ।

ଘରଭିତରୁ ବୁଢ଼ୀଟିଏ ବାହାରି ଆସିବାରୁ, ଯୁବକଟି ତାଙ୍କର ପାଦଛୁଇଁ ପ୍ରଣାମ କଲା । ତୁ କିଏ ରେ ବାପ ?—ବୁଢ଼ୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ଯୁବକଟି କହିଲା, "ଉତ୍ତର, ଦକ୍ଷିଣ, ପଶ୍ଚିମ—ତିନିଦିଗ ବୁଲି ସାରିଲିଣି । ଖାଲି ପୂର୍ବଟା ବାକି ଅଛି । ଏହି ଅଞ୍ଚଳଟା ବୁଲି ଦେଲେ ସାରା ଭାରତ ଦେଖା ହୋଇଯିବ ।"

"କିନ୍ତୁ ଏଠି କାହିଁକି ?"—ବୁଢ଼ୀ ପଚାରିଲା ।

"ରାତିକପାଇଁ ଟିକେ ରହିଯିବି ।"

ମୁଁ ତ ସେଇଥିପାଇଁ ଭାବୁଥିଲି । ଏଠି ଜାଗା କାହିଁ ? ନବାବାପ କାଲିଠୁ ଯାଇଛି ତ ଯାଇଛି । ନବା ବି ଆରଗାଁକୁ ଯାଇଛି ଯେ ଫେରି ନାହିଁ । ଏଠି ମୁଁ ଅଜଣା ଲୋକକୁ ରଖିପାରିବି ନାହିଁ । ବୁଢ଼ୀ ଏତକ କହୁଥିଲା ବେଳେ ଯୁବକଟିର ଆଖି କବାଟ ଫାଙ୍କରେ ଘର ଗୁରିପିଠି ବୁଲିଆସିଲା । ଘରଟି ଥିଲାବାଲା ଲୋକର ଭଳି ଜଣାଗଲା । ଯୁବକଟି ନରମ ଗଳାରେ କହିଲା, "ମାଉସୀ ! ମୁଁ ତମ ପୁଅ ଭଳି । ଘଡିକ କୌଣସିମତେ କଟିଗଲେ ମୁଁ ମୋର ବାଟ ଧରି ଗୁଲିଯିବି ।"

"ମୁଁ କ'ଣ ତୋ ବାପର ଶାଳୀ ?" ବୁଢ଼ୀ ରାଗିଗଲା ଭଳି ସ୍ୱରରେ କହିଲା । "ନା ଏଟା ଗୋଟେ ହୋଟେଲ ? ଘରେ କିଛି ଖାଇବାକୁ ନାହିଁ । ଆଉ କାହା ଘର ଦେଖ୍ ।"

ଯୁବକଟି ଗୁରିଆଡ଼େ ଆଖି ବୁଲେଇ ଦେଖିନେଲା, ଘରଟି ଜିନିଷପତ୍ରରେ ଭରପୂର । ବୁଢ଼ୀଟି ବୋଧହୁଏ ଖୁବ୍ କୃପଣ । ତେଣୁ କହିଲା, "ମାଉସୀ, ଏତେ ଗାଳି ଦେଉଛ କାହିଁକି ? ଘରଭିତରେ ଭୂଇଁରେ ଶୋଇଲେ ବି ଚଳିବ । ତୁମ ପୁଅ ହୋଇଥିଲେ କ'ଣ ଜଙ୍ଗଲରେ ବାଘ ଭାଲୁ ମେଳରେ ଶୋଇବାକୁ ଛାଡ଼ନ୍ତ ? ଯୁବକଟି ବହୁତ ବୁଝାଇଲା, ଅନୁନୟ ବିନୟ କଲା । ଶେଷରେ ବୁଢ଼ୀ ରାଜି ହେଲା । ଯୁବକଟି ଖୁସି ହୋଇ ମାଉସୀଙ୍କୁ ଖୁବ୍ କୃତଜ୍ଞତା ଜଣାଇଲା ।

ଅଗଣାକୁ ଲାଗି ବାରଣ୍ଡାରେ ବସି ନିଜକୁ ସଜାଡ଼ି ନେଲାପରେ ଯୁବକଟି ନରମ ଗଳାରେ କହିଲା, "ମାଉସୀ ! ବଡ଼ ଭୋକ ଲାଗୁଛି । ତମକୁ ବି ଭୋକ ହେଉଥିବ । ମଉସା ହେରିକା ଯେତେବେଳେ ନାହାନ୍ତି, ଉପାସରେ ରହି ନିଜକୁ ହନ୍ତସନ୍ତ କରିବ କାହିଁକି ?"

ବୁଢ଼ୀ କହିଲା, "ବାପ ! ନବା ଆଉ ତା'ବାପର ଫେରିବା ବାଟକୁ ଗୁହିଁରହିଛି । କିଛି ଆଣିଲେ ତ ରୋଷେଇ ହେବ ।"

ଯୁବକଟି ବୁଝିଲା, ବୁଢ଼ୀ ବରଂ ଉପବାସ ରହିବ, କିନ୍ତୁ ଖାଇବାକୁ ଗଣ୍ଡାଏ ଦେବ ନାହିଁ । କହିଲା, "ମାଉସୀ, ଆସ ମୋ ସାଙ୍ଗରେ ଖାଇବ ।"

"ତୁ ପୁଣି କଅଣ ଦେବୁ ?" ବୁଢ଼ୀ ପଗ୍ଡରିଲା ।

"ଯେଉଁମାନେ ଗୁରିଆଡ଼େ ବୁଲନ୍ତି ସେମାନେ ବହୁତ ନୂଆ ନୂଆ ଜିନିଷ ଜାଣନ୍ତି ।" ଯୁବକଟି ବୁଝାଇଲା ପରି କହିଲା । "ଶୂନ୍ୟରୁ ବି ଖାଇବା ଦରବ ତିଆରି କରିହେବ । ଖଣ୍ଡେ ହାଣ୍ଡି ଦିଅ ନା, ମୁଁ ଦେଖାଇ ଦେଉଛି ।"



ବୁଢ଼ୀର ଆଗ୍ରହ ବଢ଼ିଗଲା । କ'ଣ ହେବ, ଦେଖିବାପାଇଁ ସେ ହାଣ୍ଡିଟିଏ ଦେଲା । ଯୁବକଟି ହାଣ୍ଡିରେ ହାଣ୍ଡିଏ ପାଣି ଭର୍ତ୍ତିକରି ଚୁଲିରେ ବସାଇଲା । ନିଆଁ ଖୁବ୍ ଜୋରରେ ଜାଳିଲା । ପାଣି ଫୁଟିବାକ୍ଷଣି ପକେଟରୁ ଛୁରୀଟିଏ କାଢ଼ି ତିନିଥର ହାଣ୍ଡି ଘୁରିପଟେ ବୁଲାଇ ଆଣି ଫୁଟନ୍ତା ପାଣରେ ପକାଇଦେଲା ।

"ଏ କ'ଣ କରୁଛୁ ରେ ପୁଅ ? ବୁଢ଼ୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

"ଛୁରୀଖିରୀ ।" ଯୁବକଟି କହିଲା। "ଚଟୁ ଖଣ୍ଡେହେଲେ ଘାଣ୍ଟିବାକୁ ସୁବିଧା ହୁଅନ୍ତା ।"

ଏତେ ବୟସରେ ବୁଢ଼ୀ ବହୁତ କଥା ଶୁଣିଛି । କିନ୍ତୁ ଛୁରୀଖିରୀ ଗୋଟିଏ କିମିତି ଜିନିଷ, ସେ ଶୁଣି ନାହିଁ । ଦେଖିବାକୁ ପ୍ରବଳ ଇଚ୍ଛା । ସାଙ୍ଗେ ସାଙ୍ଗେ ବୁଢ଼ୀ ଚଟୁଟିଏ ଆଣି ଦେଲା । ଯୁବକଟି ଫୁଟନ୍ତା ପାଣିକୁ ଚଟୁରେ ଘାଣ୍ଟିବାକୁ ଲାଗିଲା । ବୁଢ଼ୀ କହିଲା, "ହଇରେ ବାପ । ଖାଲି ପାଣିରେ ଯଦି ଖିରୀ ହୁଅନ୍ତା, ଦୁନିଆରେ ଭୋକିଲା ଲୋକ ରହନ୍ତେ ନାହିଁ ।"

"ମାଉସୀ । ତୁମକୁ ମିଛ, ମତେ ସତ । ଖାଲି ଦେଖ, ମୁଁ କ'ଣ କରୁଛି । ତୁମେ ବି ଏମିତି ଖିରୀ କରିପାରିବ ।"

ବୁଢ଼ୀ ଅପଲକ ଆଖିରେ ଯୁବକର ହାତକୁ ଚାହିଁ ରହିଥାଏ । ଯୁବକଟି ଚଟୁରେ ଘାଣ୍ଟୁ ଘାଣ୍ଟୁ କହିଲା, ମାଉସୀ, ଏଥର ଖିରୀଟା ଟିକେ ପତଳା ହୋଇପାରେ । କାରଣ ଗତ ସାତଦିନ ହେଲା ସେହି ଛୁରୀଟା ଖିରୀ କରିବାରେ ଲାଗିଛି । ଏଥର ଯଦି କିଛି ଅରୁଆ ଚାଉଳ ମିଳିଯା'ନ୍ତା ନା, ଖିରୀଟା ଏତେ ପାଣି ହୁଅନ୍ତା ନାହିଁ । ଯଦି ଚାଉଳ ନାହିଁ, ମାଉସୀ ବ୍ୟସ୍ତ ହୁଅନା । ଆଜି ଏମିତି ଚଳାଇଦେବା । ଏତକ କହି ସେ ପାଣିକୁ ଘାଣ୍ଟିବାରେ ଲାଗିଲା ।

ବୁଢ଼ୀ କହିଲା, "ବ୍ୟସ୍ତ ହେବି ନି ? ଗଣ୍ଡାଏ ଚାଉଳ କେଉଁଠି ନା କେଉଁଠି ଥିବ, ଦେଖେଁ ।" ବୁଢ଼ୀ ସତକୁ ସତ ବେଲାଏ ବଢ଼ିଆ ଅରୁଆ ଚାଉଳ ଆଣିଦେଲା ।

ହାଣ୍ଡିରେ ଚାଉଳ ପକାଇ ଯୁବକଟି ଘାଣ୍ଟିବାରେ ଲାଗିଲା । ବୁଢ଼ୀ ସେଇମିତି ଅନାଇଥାଏ ।

ଯୁବକଟି କହିଲା, "ମାଉସୀ ! ବାରମ୍ବାର ଛୁରୀଟା ସିଝାଇ ସିଝାଇ ଅଲଣା ହୋଇଗଲାଣି । ଖିରୀଟା ଟିକେ ଅଲଣା ଲାଗିପାରେ । ଯାହାହେଲେ ବି ଚଳାଇଦେବା ।"

ବୁଢ଼ୀ କହିଲା, "ଏଇ ଛୋଟ କଥା । ଲୁଣ ଆଣି ଦେଉଛି ।"

ହାଣ୍ଡିରେ ଲୁଣ ପକାଇ ଯୁବକଟି ପୁଣି ଚଟୁ ଚଳାଇଲା । ବୁଢ଼ୀ ଖାଲି ଚାହିଁ ରହିଥାଏ, ଦେଖିବ କିପରି ଛୁରୀରୁ ଖିରୀ ହେଉଛି ।

"ଏ ଅଞ୍ଚଳରେ ଏମିତି ଖିରୀ କେହି ଖାଇ ନ ଥିବ "– ବୁଢ଼ୀର ଆଗ୍ରହକୁ ବଢ଼ାଇବା ପାଇଁ ଯୁବକଟି କହିଲା । ବୁଢ଼ୀକୁ ଚାହୁଁଥାଏ, ପୁଣି ହାଣ୍ଡିକୁ ଚାହୁଁଥାଏ, ସବୁବେଳେ ଚଟୁ ଚଳାଉଥାଏ ।

"ବାଜେ କଥା । ଛୁରୀକୁ ସିଝାଇ ଖିରୀ ହେବ, ସେ ପୁଣି ସୁଆଦିଆ ହେବ ?" ବୁଢ଼ୀ ତାଚ୍ଛଲ୍ୟ କରି କହିଲା ।

ଯୁବକଟି କହିଲା, "ନାହିଁ ମାଉସୀ, ତୁମେ କେବେ ଦେଖି ନା, ବିଶ୍ୱାସ କରିବ କିପରି ? ଯଦି ଟିକେ ଦୁଧ ଆଉ ଚିନି ମିଳନ୍ତା ନା, ଏମିତିକା ଖିରୀ ହୁଅନ୍ତା, ଏଠିକା କଲେକ୍ଟରଙ୍କୁ ଡାକିଲେ ବି ଖାଆନ୍ତେ ।"

କିଛିଦିନ ତଳେ ମହାଜନୀ କାରବାର ଦେଖିବାକୁ କଲେକ୍ଟର ସାହେବ ଆସିଥିଲେ । ନବାବାପ କେଡ଼େ କାକୁତି ମିନତି ହେଉଥିଲା । ଏ ଟୋକାଟାର କଲେକ୍ଟର ଚିହ୍ନା ପରଚ ହୋଇଥାଇପାରେ । ତେଣୁ ବୁଢ଼ୀ ପଚାରିଲା, "ଆରେ ବାପା ! ତୁ କ'ଣ କଲେକ୍ଟରକୁ ଚିହ୍ନିଛୁ ?"

ଯୁବକଟିକୁ ମୌକା ମିଳିଗଲା । "ମୁଁ ଚିହ୍ନି ନାହିଁ ? ମୋତେ ପା' ଗୋଟିଏ ସାର୍ଟିଫିକେଟ ଦେଇଛନ୍ତି"–କହି ଯୁବକଟି ତା ବୁଜୁଲାରୁ ଖଣ୍ଡିଏ କାଗଜ କାଢ଼ି ବୁଢ଼ୀପାଖକୁ ପକେଇଦେଲା, ଏଣେ ପୁଣି ଖିରୀ ଘାଣ୍ଟିବାରେ ଲାଗିଗଲା । ବୁଢ଼ୀ ଭାବିଲା, କଲେକ୍ଟରର ଚିହ୍ନାପରିଚ ଲୋକକୁ ଅଳ୍ପ ଦୁଧ ଆଉ ଚିନି ପାଇଁ ହଇରଣ କରିବା ଉଚିତ ହେବ ନାହିଁ । ସେ ଦିନର ସବୁ ଦୁଧ ଆଉ ଥୋଡ଼ାଏ ଚିନି ଆଣି ଥୋଇଦେଲା । ତାଳେ ଦୁଧ ଓ ଗିଲାସେ ଚିନି ପଡ଼ିଲେ ଖିରୀ ସୁଆଦିଆ ନ ହୁଅନ୍ତା କିପରି ? ତଥାପି ଖିରି ଘାଣ୍ଟୁ ଘାଣ୍ଟୁ ଯୁବକଟି ପୁଣି କହିଲା, "ମାଉସୀ ମସିଣା ପକାଅ । ଖାଇବାକୁ ବସିଯିବା ।"

ପୁଣିଟିକେ ଥମିଯାଇ ଯୁବକଟି କହିଲା, "କିନ୍ତୁ ମାଉସୀ ଟିକେ ପାନମହୁରୀ ମିଳନ୍ତା ନା, ଖିରୀଟା ମହକି ଉଠନ୍ତା । ରାସ୍ତାରେ ଯାଉଥିବା ଲୋକେ ବି ଏ ଘରକୁ ଗଳିକରି ଅନାନ୍ତେ ! ନ ଥିଲେ ନାହିଁ, ଆଜି ଏମିତି ଚଳାଇଦେବା ।"

ଚଟ୍‌କିନା ଉଠି ବୁଢ଼ୀ ଦି'ଟିପା ପାନମହୁରୀ ନେଇ ଆସିଲା ।

ସେଦିନଟା ଖିରୀ ଯେ କେତେ ଭଲ ଲାଗିଥିବ ସେଟା ଭାବିଲେ ମୋ ପାଟିରୁ ଲାଳ ଗଡ଼େ । ବୁଢ଼ୀ ଆଉ ଯୁବକଟି ପେଟେ ଲେଖାଏଁ ଖାଇଲେ । ପେଟ ଭରି ହେଲେ ନିଦ ଲାଗେ । ଯୁବକଟି ଭୂଇଁରେ ବିଛଣା ପକେଇବା ଆରମ୍ଭ କରିଦେଲା ।

ବୁଢ଼ୀ ସାଙ୍ଗେସାଙ୍ଗେ ବାରଣ କରି କହିଲା, "ଆରେ ବାପ ! ତଳୁଟାରେ କାହିଁକି ଶୋଉଛୁ ? ଖଟିଆଟା ଟାଣି ଆଣ ।"

ଏତେ ସହଜରେ ଗୋଟିଏ ଛୁରୀକୁ ସିଝାଇ ଏତେ ଭଲ ଖିରୀ ଯେଉଁ ଲୋକ କରିପାରିଛି, ତାକୁ ତଳେ ଶୋଇବାକୁ ଦେବ ? ବୁଢ଼ୀର ମନଟା ଯୁବକ ପ୍ରତି କୃତଜ୍ଞତାରେ ପୂରି ଉଠିଥିଲା ।

ସକାଳେ ଯୁବକଟି ଉଠି ତିଆର ହେବାବେଳକୁ ବୁଢ଼ୀ ବଢ଼ିଆ ଜଳଖିଆ ଦେଇ ବିଦାକଲା । ଗଲାବେଳେ ଦୁଆର ମୁହଁରେ ଠିଆ ହୋଇ ବୁଢ଼ୀ କହିଲା, "ବାପ, ଭଲ କଲୁ । ନୂଆ ଛୁରୀଖିରୀ ଶିଖାଇଲୁ ଯେ ଏଣିକି ଖୁସିରେ ଗଣ୍ଡେ ଖାଇହେବ ।"

"ମାଉସୀ ! ଛୁରୀଖିରୀ କରିବା ବେଶୀ କଷ୍ଟ ନୁହେଁ । ଖାଲି ଠିକ୍ ଠିକ୍ ପରିମାଣରେ ଚାଉଳ, ଲୁଣ, ଚିନି, ଦୁଧ ଆଉ ପାନମହୁରୀ ମିଶାଇ ପାରିଲେ ହେଲା ।"

ଯୁବକଟିର ଯିବା ରାସ୍ତାକୁ ବୁଢ଼ୀ ଅନାଇ ରହିଥିଲା ।

* * *

# ଭଶିଆ ରାଜାଙ୍କୁ ବୁଦ୍ଧି ଶିଖେଇଲା

ଗୋଟିଏ ରାଇଜର ରାଜାଙ୍କ କଥା । ପ୍ରଜାମାନଙ୍କ ଉପରେ ସେ ବଡ଼ ଜୁଲୁମ କରୁଥିଲେ । ତାଙ୍କ ରାଜ୍ୟରେ ଧନୀ ତ ନ ଥିଲେ; କାହାରି ଚଳିବା ଭଲ ଦେଖିଲେ ବା ଶୁଣିଲେ, ରାଜା ତା'ର ସର୍ବସ୍ୱ ଲୁଟି ନେଉଥିଲେ । ତଥାପି କାଳେ କିଏ ତାଙ୍କୁ ଠକି ଦେଇ ପାରହୋଇଯାଇଥିବ କି ଘର ଭିତରେ ଧନ ଲୁଚାଇ ରଖୁଥିବ ଏହି ଚିନ୍ତା ରାଜାଙ୍କୁ ସବୁବେଳେ ଘାରିଲା । ଭାତ ହାଣ୍ଡିରୁ ଗୋଟିଏ ଭାତ ଚିପିଦେଲେ ଯେପରି ଭାତ ହେଲାଣି କି ନାହିଁ ଜାଣି ହୁଏ, ସେହିପରି ପ୍ରଜାମାନଙ୍କ ଭିତରୁ କେଉଁମାନେ ବୁଦ୍ଧିଆ ବାଛି ନେଲେ ସେମାନଙ୍କ ଭିତରୁ କେହି ନା କେହି ଧନ ଲୁଚେଇ ରଖିଥିବେ । ଏହା ଭାବି ରାଜା ମନ୍ତ୍ରୀ ଓ କଟୁଆଳମାନଙ୍କୁ ଡକାଇଲେ । କହିଲେ "ଚାରିଆଡ଼େ ଲୋକ ପଠାଅ । ସବୁଠାରୁ ବୁଦ୍ଧିଆ ଲୋକଙ୍କୁ ଧରିଆଣ । ସେ ଯଦି ମୋତେ ଠକି ନ ପାରିବ, ଜୀବନଯାକ ମୋର ଚାକର ହୋଇ ରହିବ ।"

କଟୁଆଳମାନେ ଚାରିଆଡ଼େ ବାହାରିଗଲେ । ବହୁତ ଚାଲାକ ଲୋକ ଦେଖିଲେ, ବହୁତ ପଣ୍ଡିତ ଦେଖିଲେ । କିନ୍ତୁ କେହି ରାଜାଙ୍କ ସହିତ ଲଢ଼ିବାପାଇଁ ମାଙ୍ଗିଲେ ନାହିଁ । ସମସ୍ତେ କହିଲେ, ଏ କି ଲଢ଼ାଇରେ ବାପା ! ଏଥିରେ ପୁରସ୍କାର ନାହିଁ, ଅଥଚ ହାରିଗଲେ ଚାକର ହେବ । କିଏ କାହିଁକି ଯିବ ?

କାହାରିକୁ ନ ନେଇ ଫେରିଲେ ରାଜା ରାଗିବେ । ରାଗିଲେ କି ଦଣ୍ଡ ଦେବେ ଠିକ୍ ନାହିଁ । ଏହି ଡରରେ କଟୁଆଳମାନେ ଆହୁରି ବୁଲିଲେ ।

ବୁଲି ବୁଲି ଦିନେ ରାତିରେ ସେମାନେ ଗୋଟିଏ ଦୂର ଗାଁରେ ରହଣି କଲେ । ସେ ଗାଁର ଲୋକେ ହାଡ଼ଗୋଡ଼ ଭାଙ୍ଗି ଫସଲ କରନ୍ତି, ଠିକ ଅମଳ ହେବାବେଳକୁ ରଜାଙ୍କ ଲୋକେ ଆସି ଧାନ କାଟି ନିଅନ୍ତି । ଅଗଣାରେ, ଏଠି ସେଠି ଲୁଗ୍ଣାଇ କେତେ ଅବା ଧାନରକ୍ଷା କରିହେବ ? ତେଣୁ ଗାଁର ସମସ୍ତେ ଖୁବ ଗରୀବ । କଟୁଆଳମାନଙ୍କୁ ଦେଖି ସମସ୍ତେ ଯେ ଯାହା ଘରେ ଲୁଚିଲେ । କିନ୍ତୁ ଗାଆଁର ମୁଖିଆ ଭଗିଆ ସେମାନଙ୍କୁ ଖୁଆଇ ପିଆଇ ଚର୍ଚ୍ଚା କଲା । ସେମାନଙ୍କ ଦୁଃଖ ଜନମଲ ଦେବାପାଇଁ କେତେ ଢଗ କହିଲା, ଗପ କହିଲା, ଗୀତ ଗାଇଲା ।

ସକାଳ ହେଲା । ଯେତେବେଳେ କଟୁଆଳମାନେ ବାହାରିଲେ, ସେମାନେ କହିଲେ, ଭଗିଆ ! ତୁ ସାଙ୍ଗରେ ଚାଲ ।

ଭଗିଆ ସମସ୍ତଙ୍କଠାରୁ ଚାଲାକ୍ ବୋଲି ସେମାନେ ଭାବି ନେଇଥିଲେ । ତାକୁ ନେଲେ ରଜା ଖୁସି ହେବେ । କଟୁଆଳମାନଙ୍କ ଅବସ୍ଥା ଦେଖି ଭଗିଆ ବି ହଁ କଲା । କିନ୍ତୁ ସେ ଯଦି ଯାଏ, ସେମିତି ଗାମୁଛା ଖଣ୍ଡିକ ପିନ୍ଧି ଖାଲି ଦେହରେ ଯିବା

ତାହା ହିଁ ହେଲା । ସମସ୍ତେ ରଜାଙ୍କ ଦରବାରରେ ପହଞ୍ଚିଲେ ।

ରଜା ପଚାରିଲେ, "ତୁମେ ତାହାହେଲେ ମୋତେ ଠକିପାରିବ ?"

"ଛାମୁ ! ଠକାଇବା ତ ମୋର ପେଶା," ଭଗିଆ କହିଲା ।

ରଜା ସାବଧାନ କରିଦେଇ କହିଲେ, "ଦେଖ, ମୁଁ ସମସ୍ତଙ୍କୁ ଠକାଉଛି, ମୋତେ ଠକାଇବୁ ? ଚେଷ୍ଟାକରି ଦେଖ୍ ତ ।"

ଭଗିଆ କହିଲା, "ଛାମୁ ! ମୁଁ ଯଦି ଏ କଥା ଆଗରୁ ଜାଣିଥା'ନ୍ତି । ଏମାନେ ମୋତେ ଏତେ ତରତର କଲେ ଯେ ମୁଁ ମୋର ଚଦର, ଠେକା ଛାଡ଼ି ଆସିଛି । ପୁଣି ତ କେତେ ସାଜ ସରଞ୍ଜାମ ଅଛି ।

"ସାଜ ସରଞ୍ଜାମ ?" ରଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ।

ଭଗିଆ କହିଲା, "ହଁ ! କେତେଗୁଡ଼ିଏ ଯନ୍ତ୍ରପାତି ମୋ ପେଶାରେ ଲାଗେ ।" ଶୀଘ୍ର ସବୁପାତି ନେଇ ଆସିବାକୁ ରଜା ଆଦେଶ ଦେଲେ । କିନ୍ତୁ ଭଗିଆ କହିଲା, "ଛାମୁ ତ ନିଜ ଅଭିଜ୍ଞତାରୁ ଜାଣୁଥିବେ । ସେଗୁଡ଼ାକ ତ ସାଧାରଣ ଜିନିଷ ନୁହେଁ ଯେ ସାଙ୍ଗେ ସାଙ୍ଗେ ମୁଁ ବାନ୍ଧି ପକାଇବି କି କାନ୍ଧରେ ପକାଇ ନେଇଆସିବି ? ସେସବୁ ଆଣିବାକୁ ଶହେଟା ଶଗଡ଼ ଆଉ ଛ ମାସ ସମୟ ଲାଗିବ ।



କାଳେ ନିଜେ ନିର୍ବୁଦ୍ଧିଆ ବୋଲି ଧରା ପଡ଼ିଯିବେ, ସେଥିପାଇଁ ଅଧିକ ଯୁକ୍ତି ନ କରି ଗହେ ହଳ ବଳଦ, ଗହେଟା ଶଗଡ଼ଗାଡ଼ି ଦେଇଦେଲେ । ସହଳ ସହଳ ଫେରିଆସିବାକୁ କହିଲେ । କିନ୍ତୁ ଯିବା ପୂର୍ବରୁ ଭଗିଆ ପଚାରିଲା, "ଆଜ୍ଞା, ମୁଁ ତ ହାରିଲେ ଚାକର ହେବି; ଆଉ ଜିତିଲେ ?"

ରାଜା କହିଲେ, "ତୁମେ କେବେ ଜିତିପାରିବ ନାହିଁ ।"

ଜିତିବି ନାହିଁ ବୋଲି ତ ମୁଁ ଜାଣୁଛି । ଧରନ୍ତୁ ମୁଁ ଜିତିଲି ।"

ଏହା ଶୁଣି ରାଜା ପଚାରିଲେ, "ତୁ କ'ଣ ଚାହୁଁଛୁ କହ ?"

ଛାମୁ ଯାହା ବ୍ୟବହାର କରୁ ନାହାନ୍ତି, ତାହା ହିଁ ଦିଅନ୍ତୁ ।" ଭଗିଆର ଏ କଥାରେ ରାଜା ରାଜି ହୋଇଗଲେ । ଯେଉଁଟା ଦରକାର ନାହିଁ, ଦେଇଦେଲେ କ୍ଷତି କ'ଣ ?

ଭଗିଆ ଗାଁରେ ପହଞ୍ଚିଲା । ଗାଁ ବାଲା ପ୍ରତ୍ୟେକଙ୍କୁ ହଳେ ବଳଦ ଓ ଗୋଟିଏ ଲେଖାଏଁ ଗାଡ଼ି ଦେଲା । ସମସ୍ତେ ମେହନତ କରି ବହୁତ ଧାନ ଆମଦାନି କଲେ । ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଖାଇବା ଚିନ୍ତା ରହିବ ନାହିଁ ବୋଲି ସମସ୍ତେ ଖୁସି । ସମସ୍ତେ ନିଜ ନିଜ ଅମାରରେ ଧାନ ରଖି ସାରିବା ପରେ ଭଗିଆ କହିବା ଅନୁସାରେ ଖାଲି ଡୋଲିଗୁଡ଼ାକୁ ଶଗଡ଼ରେ ଲଦିଦେଲେ, ଡୋଲିଲଦା ଗାଡ଼ି-ଗୁଡ଼ାକୁ ଧରି ଭଗିଆ ରାଜଦରବାରରେ ପହଞ୍ଚିଲା ।

ରାଜା ତ ଉତ୍ସୁକ ହୋଇ ଚାହିଁ ରହିଥିଲେ । କହିଲେ, "ବର୍ତ୍ତମାନ ପରୀକ୍ଷା ଆରମ୍ଭ ହେଉ ।"

"ମୋର ଯନ୍ତ୍ରପାତି ବାହାର କରେ"—ଭଗିଆ କହିବାରୁ ରାଜା କହିଲେ "ବ୍ୟସ୍ତ ହୁଅ ନାହିଁ । ମୋର ଚାକରମାନେ ଖୋଲି ଆଣିବେ ।"

ଇତି ମଧ୍ୟରେ ରାଜାଙ୍କର ଗୋଟିଏ କୁକୁର ଦଉଡ଼ି ଆସି ଭଗିଆକୁ ଶୁଙ୍ଘିଲା । ନୂଆ ଲୋକ ଦେଖିଲେ ସବୁ କୁକୁର ଶୁଙ୍ଘନ୍ତି । କିନ୍ତୁ ଇଏତ ରାଜାଙ୍କର କୁକୁର । ଭଗିଆ ନଇଁ ପଡ଼ି କୁକୁରର ଦେହଟାକୁ ଆଉଁସି ଦେଲା । ଖୁସିହୋଇ କୁକୁରଟା ବି ଭଗିଆର କାନକୁ ଟିକେ ଚାଟିଦେଲା ।

ସଙ୍ଗେସଙ୍ଗେ ଭଗିଆ ଡେଇଁ ପଡ଼ିଲା । କହିଲା "କି ଖରାପ ଖବର । କାଲି ଭଲରେ ଭଲରେ ବିଦା କରିଛି, ଆଜି ତାର ଦେହ ଏତେ ଖରାପ୍ ? ଛାମୁ

ଯଦି ମୋତେ ଛାଡ଼ନ୍ତେ, ମୁଁ ଟିକେ ମୋର ସ୍ତ୍ରୀକୁ ଦେଖି ଆସନ୍ତି । ଗୁଦର ଆଉ ଠେକା ବି ନେଇ ଆସନ୍ତି । ସେ ଦୁଇଟା ଆଣବାକୁ ଭୁଲିଯାଇଛି ।"

"ସ୍ତ୍ରୀ ଦେହ ଆଜି ଖରପ ହେଲ ବୋଲି ତୁମେ କିପରି ଜାଣିଲ ?" ରଜାଙ୍କର ଏ ପ୍ରଶ୍ନରେ ଭଗିଆ କହିଲ, "ଛାମୁଙ୍କର କୁକୁର ପର ଏ କ୍ଷଣ ମୋ କାନରେ କହିଲ ।"

ଭଗିଆର ସ୍ତ୍ରୀ ଦେହ ଖରପ ଶୁଣି ସମସ୍ତେ ଦୁଃଖ କଲେ । ଭଗିଆ କହିବା ଅନୁସାରେ ଖୁବ୍ ଭଲ ଦୌଡ଼ୁଥିବା ଘୋଡ଼ାଟିଏ ରଜାଙ୍କ ଅସ୍ତାବଲରୁ ଆଣି ତାକୁ ଦିଆଗଲ । ଘୋଡ଼ା ଚଢ଼ି ଭଗିଆ ଗାଁକୁ ପଳାଇଲ । ବେଶ୍ ଦାମ୍‌ରେ ବିକି ଦେଇ ସେହି ରଙ୍ଗର ଗଧଟିଏ କିଣି, ତାକୁ ଘୋଡ଼ାର ସରଞ୍ଜାମ ସବୁ ପିନ୍ଧାଇ ସେହି ଗଧଉପରେ ବସି କିଛିଦିନ ପରେ ରଜାଙ୍କ ପାଖରେ ପହଞ୍ଚିଲ ।

ରଜା ଖୁବ୍ ରଗିଗଲେ । ମୋ ଘୋଡ଼ା କାହିଁ ବୋଲି ପାଟି କଲେ ।

ଭଗିଆ ବିସ୍ମୟ ଭାବ ପ୍ରକାଶ କରି କହିଲ "ଘୋଡ଼ା ! ଏ କି କଥା ? ମୁଁ ଗରୀବ ହେଲି ବୋଲି କ'ଣ ଛାମୁଁ ମୋତେ ଉପହାସ କରୁଛନ୍ତି ? ରୋଗିଣା ସ୍ତ୍ରୀ ଦେଖିବାକୁ ଛାମୁଁ ଯେଉଁ ଘୋଡ଼ା ଦେଲେ, ସେ ତ ବାଟଯାକ ଘୋଡ଼ାରୁ ଗଧ,ଗଧରୁ ଘୋଡ଼ା ବଦଳୁଛି ।"

"ଅସମ୍ଭବ ! ମୁଁ ତ ଦଶବର୍ଷ ହେଲା ସେ ଘୋଡ଼ା ଚଢ଼ିଛି । ଥରେ ହେଲେ ତ ଏପରି ଘଟି ନାହିଁ ।"

ଭଗିଆ କହିଲ, "ଛାମୁଁ ଆଶ୍ଚର୍ଯ୍ୟ ହୋଇପାରନ୍ତି । ଛାମୁଁ ଯେଉଁ ଲଗାମ ଜିନ୍, ଗଦି ଦେଇଥିଲେ, ଏ ସେହି ଲଗାମ, ସେହି ଗଦି ଆଉ ଜିନ୍ । ପୁଣି ଦେହର ରଙ୍ଗ ବି ସେଇ ମାଟିଆ । କିନ୍ତୁ ଏଟା ତ ଘୋଡ଼ା ଭଳି ଦେଖାଯାଉନି ।"

ନିଶ୍ଚିତ ହେବା ଲାଗି ରଜା ବି ଜନ୍ତୁଟାର ଦେହସାରା ହାତ ବୁଲାଇ ଦେଖିଲେ ଏଟା ତ ଗଧ, ଘୋଡ଼ା ନୁହେଁ । ଭଗିଆକୁ ଦୋଷ ଦେଇ ନ ପାରି କହିଲେ, "ଯାହା ତ ହେବାର ହେଲଣି, ବର୍ତ୍ତମାନ ତୁମର ଗୁଲାଣି ଦେଖାଅ ମୋତେ ଠକାଇବ ପର ।"

ଭଗଆ ହସିଦେଇ କହିଲ, "ଛାମୁଁ ପର ସମସ୍ତଙ୍କୁ ଠକେଇବାରେ ଓସ୍ତାଦ । କିନ୍ତୁ ଠକାଇବାପାଇଁ ଛାମୁଁ କେବେ ସାଜ ସରଞ୍ଜାମ ବ୍ୟବହାର କରିଛନ୍ତି କି ?"

ରାଜା ନିଜ ଭୁଲ୍ ବୁଝିପାରି ଟିକିଏ ଗୁମ୍ ମାରି କହିଲେ "ନା" ।

ଭଗିଆ କହିଲା, "ତା' ହେଲେ ଛାମୁଁ କିପରି ଭାବିଲେ ଯେ ମୁଁ ଯନ୍ତ୍ରପାତି ବ୍ୟବହାର କରିବି ? ସେଇଠି ମୁଁ ଠକେଇ ଦେଲି । କେବଳ ସେତିକି ନୁହେଁ । ଏତେ ବର୍ଷ ଧରି ଯେଉଁ କୁକୁର ଛାମୁଁ ପାଳିଛନ୍ତି ସେ କେବେ ଛାମୁଁଙ୍କୁ କଥା କହିଛି କି ?"

ରାଜା କହିଲେ, "ନା" ।

ତେବେ ଛାମୁଁ କିପରି ଭାବିଲେ ଯେ ସେହି କୁକୁରଟା ମୋର ସ୍ତ୍ରୀ ଦେହ ଖରାପ ହୋଇଥିବା ଖବର ଦେଇଥିବ ? ଏଇଠି ଛାମୁଁ ଦ୍ୱିତୀୟବାର ଠକିଗଲେ ।

ରାଜା ପଚାରିଲେ, "ତା ପରେ ?"

ଦଶ ବର୍ଷ ଧରି ଛାମୁ ଘୋଡ଼ା ଚଢ଼ି ଆସୁଛନ୍ତି, ସେ ଘୋଡ଼ା କେବେ ଗଧ ପାଲଟିଥିଲା କି ?

ରାଜା କହିଲେ' ''ନା'' ।

ଭଗିଆ କହିଲା, ଛାମୁଁ କିପରି ମାନିଗଲେ ଯେ ମୋପାଇଁ ଏହା ଗଧ ପାଲଟି ଥାଇପାରେ । ତେଣୁ ମୁଁ ଛାମୁଁଙ୍କୁ ତିନିଥର ଠକାଇଛି । ବର୍ତ୍ତମାନ ମୋର ପୁରସ୍କାର ମିଳୁ ।

ରାଜା କହିଲେ, "ଠିକ୍ ଅଛି । ତୁମେ କହିଛ, ଏମିତି ଜିନିଷ ମାଗିବ ଯାହାଦେଲେ ମୁଁ କିଛି ହରାଇଥିବା ଭଳି ମନେ କରିବି ନାହିଁ ।"

ଭଗିଆ ଝଅଟ କରି କହିଲା, "ଛାମୁଁଙ୍କ ମୁଣ୍ଡ ।"

ଏହା ଶୁଣି ରାଜା ରାଗି ଲାଲ ପଡ଼ିଗଲେ । ଭଗିଆ ଟିକିଏ ଡରିଗଲା । କହିଲା, "ଆଜ୍ଞା, ଅପେକ୍ଷା କରନ୍ତୁ । ବର୍ତ୍ତମାନ ମୁଁ ଦେଖୁଛି ଛାମୁଁ ମୁଣ୍ଡ ଖର୍ଚ୍ଚ କରୁଛନ୍ତି । ମୁକୁଟ ରଖିବାପାଇଁ ମଧ୍ୟ ମୁଣ୍ଡକୁ କାମରେ ଲଗାଉଛନ୍ତି ।

ତା' ବଦଳରେ ଆମ ଗାଁ ପାଖ ବିଲବାଡ଼ି ଓ ଜଙ୍ଗଲ ଆମମାନଙ୍କୁ ନିସ୍କର କରି ଦିଅନ୍ତୁ, ଆମେ ନିଜ ଗୁଜୁରାଣ ମେଣ୍ଟାଇବୁ ।''

ସେହି ଦିନଠାରୁ ରାଜା ଆଉ ତାଙ୍କ ପ୍ରଜାମାନଙ୍କ ଉପରେ ଜୁଲୁମ କଲେ ନାହିଁ । ରାଜ୍ୟସାରା ଲୋକେ ଭଗିଆକୁ ତାରିଫ୍ କଲେ ।

# ଯେମିତି ଲୋକ ସେମିତି ଗୁଣ

ଏ ଗୋଟିଏ ମଜା କାହାଣୀ । ବହୁତ ଦିନ ତଳେ ଘଟିଥିଲା ।

ହରିପୁର ଗାଁରେ ସଦାନନ୍ଦ ନାମରେ ଜଣେ ଚାଷୀ ଥାଏ । ଜମିବାଡ଼ିରେ ଖଟେ, ଯାହା ଆୟକରେ, ସେଇଥିରେ ତା' ପରିବାରର ଗୁଜରଣ ମେଣ୍ଟାଏ । କୌଣସି ଅତିଥି, ଅଭ୍ୟାଗତ ଆସିଗଲେ, ତାଙ୍କୁ ଖୁସି ନ କରି ଛାଡ଼େ ନାହିଁ ।

ସଦାନନ୍ଦର ତର୍ଚ୍ଛାରେ ଖୁବ୍ ଆପ୍ୟାୟିତ ହୋଇ ଥରେ ଜଣେ ସାଧୁ ଗୋଟିଏ ବର ଯାଚିଲେ । କହିଲେ, "ସଦାନନ୍ଦ ! ତୁ ଗୋଟିଏ କାମ କର; ତୋର ଆଉ ଦୁଃଖକଷ୍ଟ ରହିବ ନାହିଁ । ତୋର ଅଧମାଣିଆ କିଆରୀର ଦକ୍ଷିଣରେ ଯେଉଁ ଉଚ୍ଚ ହୁଡ଼ାଟା ଅଛି, ତାକୁ ହାଣି ସମାନ କରିଦେ ! ଦେଖିବୁ ତୋର ଭାଗ୍ୟ ଫିଟିଯିବ ।"

ସାଧୁ ବିଦା ହୋଇଛନ୍ତି କି ନାହିଁ, ସଦାନନ୍ଦ କାନ୍ଧରେ କୋଦାଳ ପକେଇ ବାହାରି ପଡ଼ିଲା । ମୁହଁ ସଞ୍ଜ ନ ହେଉଣୁ ଅଧମାଣିଆରେ ପହଞ୍ଚିଗଲା । ଗୋଟିଏ ଚୋଟ ମାରିଛି କି ନା ହୁଡ଼ାଟା ଭାଙ୍ଗିଗଲା; ଗୋଟିଏ ଗାତ ଦେଖାଗଲା । ଆଉ ଚୋଟ ମାରିଛି କି' ନା ଦୁଇଟି ଡିମ୍ବ ଦେଖାଗଲା । କୋଦାଳ ଚୋଟରେ ଡିମ୍ବ ଦୁଇଟି ଫାଟି ଯାଇଥିଲା । ଗୋଟିକରୁ ମଣିଷ ମୁହାଁ ଚଢ଼େଇଟିଏ ଡେଇଁପଡ଼ିଲା । ଅନ୍ୟଟିରେ ଗୋଟିଏ ସୁନାହାର ଥିବାର ଦେଖାଗଲା । ଚଢ଼େଇଟି ଚୁହୁଁ ଚୁହୁଁ

ଝରୀ ପାଲଟିଗଲ । ଆଉ ଉଡ଼ିଗଲାବେଳେ କହିଲା, "ତୁମ ଯୋଗୁ ଅଭିଶାପରୁ ରକ୍ଷା ପାଇଛି, ତେଣୁ ହାରଟି ତୁମକୁ ଦେଇଯାଉଛି । ବେକରେ ପିନ୍ଧି ମନେମନେ ଯାହା ମାଗିବ, ହାରଟି ତାହା ଯୋଗାଇ ଦେବ । କିନ୍ତୁ ଭବିଚିନ୍ତି ମାଗିବ । କାରଣ, ଥରେ ମାତ୍ର ତୁମ ଇଚ୍ଛା ପୂର୍ଣ୍ଣ କଲାପରେ ହାରଟିର କୁହୁକ ଶକ୍ତି ଉଡ଼ିଯିବ ।"

ସଦାନନ୍ଦର ଆନନ୍ଦ କହିଲେ ନ ସରେ । ଅନ୍ଧାରରେ ତାକୁ ଯେମିତି ଆଲୁଅ ଦେଖାଗଲା ! ହାରଟି ଧରି ଘରକୁ ଫେରୁ ଫେରୁ ଗାଁ ମୁଣ୍ଡରେ ବଣିଆ ଦୋକାନ ଦେଖି ଅଟକିଗଲା । ଭବିଲା, ଦାମ୍‌ଟା ପରଖି ନେଲେ ହୁଅନ୍ତା । ବଣିଆ ଦେଖାଦେଖି କରି କହିଲା, "ଏତେ ପତଳା ହାର । ଦୁଇ ଭରଣ ଧାନରୁ ବେଶୀ ହେବ ନାହିଁ ।"


ଏ ତ ବହୁତ ଦିନ ତଳର କଥା । ସେତେବେଳେ ଟଙ୍କା ପଇସାର କାରବାର ହେଉ ନ ଥିଲା । ଲୋକେ ଜିନିଷ ବଦଳ କରି ଜିନିଷ କିଣୁଥିଲେ । ଆଜିକାଲି ଟଙ୍କା ପଇସା ଦେଣନେଣର ମାପକାଠି ହୋଇଛି, ତେଣୁ ତୁମେ କିଛି ଅସୁବିଧା ଜାଣିପାରୁ ନାହଁ । ଧର, ଗଉଡ଼ଟିଏ ଦୁଧ ବିକି କିରେସିନି ତେଲ କିଣବ; ଧୋବା ଲୁଗା ଧୋଇ ଗୁଡ଼ଳ ନେବ; ଜଣେ ବଳଦଟିଏ ବିକି ଘରତିଆରି କରିବ, ଇଟା ଚୂନ କିଣିବ । ଯିଏ ଦୁଧ ନେବ ତା'ପାଖରେ କିରେସିନି ନ ଥିବ; ଯିଏ ଲୁଗା କଚେଇବ ତା'ପାଖରେ ଗୁଡ଼ଳ ନ ଥିବ; କି ଯାହାପାଖରେ ଇଟା ବା ଚୂନ ଅଛି ତା'ର ବଳଦ ଦରକାର ନାହିଁ । ତେବେ ଜିନିଷ କିଣା ବିକା ହେବ କିପରି ? ଟଙ୍କା ପଇସା ତିଆରି ହେବାର ବହୁତ ଦିନ ପୂର୍ବେ ଧାନକୁ ଲୋକେ ଦେଣନେଣର ମାଧ୍ୟମରୂପେ ଧରିନେଇଥିଲେ ।

ସେତେବେଳେ ସୁନା ବି ଶସ୍ତା ଥିଲା ।

ତଥାପି ଏତେ ମୋଟା, ଓଜନିଆ ହାରଟା ମାତ୍ର ଦି'ଭରଣ ଧାନ ହେବ ଶୁଣି ସଦାନନ୍ଦ ନ ହସି ରହି ପାରିଲା ନାହିଁ ।

ହାଃ, ହାଃ । ତୁମେ ସିନା ବଣିଆ କିନ୍ତୁ ଏ ହାରଟି ଚିହ୍ନିନା । ଏ ଗୋଟିଏ କୁହୁକ ହାର; ଯାକୁ ପିନ୍ଧି ଯାହା ମାଗିବ ତାହା ପାଇବ । ତୁମ ଦୋକାନର ସବୁ ଗହଣାଗାଣ୍ଠି ମିଶି ବି ଏହାର ଦାମ ସାଙ୍ଗେ ସମାନ ହେବ ନାହିଁ ।"

ଏଥିରେ କି ବଣିଆର ଲୋଭ ସମ୍ଭାଳେ ? ହାରଟି ପାଇବାପାଇଁ ସଙ୍ଗେସଙ୍ଗେ ଗୋଟିଏ ଉପାୟ ପାଞ୍ଚିଲା ।



ସରଗର ଗୁନ୍ଦ ଅଣଗୁଣ ।

"ସଦାନନ୍ଦ ! ଖାଲିପେଟରେ କିପରି ଘରକୁ ଯିବ ? ସଞ୍ଜତ ହେଲାଣି । ଘଡିକ ମୋ ଘରେ ଖାଇଦେଇ ଯିବ ।" ବଣିଆ କହିଲା ।

ଯାଚିବା ଜିନିଷ ଛାଡ଼ିଲେ ଓପାସ ରହିବାକୁ ପଡ଼େ । ଗାଁରେ ଏ କଥା ବହୁତ ମୁହଁରୁ ଶୁଣିଛି; ତେଣୁ ସଦାନନ୍ଦ ବଣିଆ ଭଇର ନିମନ୍ତ୍ରଣକୁ ଏଡ଼ାଇ ଦେଇ ପାରିଲା ନାହିଁ । ରାତ୍ରିଭୋଜନ ସେଇଠି ହେଲା । ଭାଙ୍ଗ ସରବତ ପିଇ, ପେଟେ ଭୋଜିଭାତ ଖାଇ ସଦାନନ୍ଦକୁ ଖୁବ୍ ଭରି ଭରି ଲାଗିଲା । ସେ ଘୋର ନିଦରେ ନ ଶୋଇ ପାଉଛି କୁଆଡ଼େ ! ଯେଉଁଠି ବଣିଆ ଘରର ଖଟରେ ଶୋଇ ପଡ଼ିଲା ।

ବିଲେଇକୁ ଶୁଖୁଆ ଜୁଟିଗଲା ।

ବଣିଆ ତ ସୁଯୋଗ ଉଣ୍ଢୁଥାଏ । ସଦାନନ୍ଦ ଯେମିତି ନିଘୋଡ଼ ନିଦରେ ଶୋଇ ଯାଇଛି, ବଣିଆ ତା' ଗଳାରୁ ହାରଟି କାଢ଼ି ନେଲା । ଠିକ୍ ସେଇ ରକମର ହାରଟିଏ ପିତ୍ତଳରେ ତିଆରି କରି, ତହିଁରେ ସୁନା ପାଣି ଦେଲା । ଅବିକଳ ନକଲ ହୋଇଗଲାପରେ ସେ ସଦାନନ୍ଦ ବେକରେ ନକଲି ହାରଟି ଗଳାଇଦେଲା ।

ଏତେ କଥା ଘଟିଗଲା, ସଦାନନ୍ଦ ଜାଣେ ନାହିଁ ।

ସକାଳ ହେଲା । ସଦାନନ୍ଦ ତା'ଘରକୁ ଚାଲିଗଲା ।

ଏ କଥା ବଣିଆ ଘରେ ବି କେହି ଜାଣି ନାହିଁ । ବଣିଆର ସୁନା ଲୋଭ ଖୁବ୍ ବେଶୀ । ସାଙ୍ଗେସାଙ୍ଗେ ତା'ର ସବା ବଡ଼ଘରେ ପଶି ଝରକା କବାଟ ସବୁ ବନ୍ଦ କରିଦେଲା । ଘର ମଝିରେ ଠିଆ ହେଲା । ହାରଟି ପିନ୍ଧି କହିଲା, "ହେ ହାର ! ଏ ଘରଟା ସୁନା ମୋହରରେ ଭର୍ତ୍ତି କରିଦେ ।"

ଚହୁଁ ଚହୁଁ ମୋହର ବରଷିବାରେ ଲାଗିଲା । ଗୋଡ଼, ହାତ, ମୁଣ୍ଡ, ଦେହସାରା ମୋହର ସବୁ ବାଡ଼େଇ ହୋଇ ପଡ଼ିଲା । ମୋହର ଦେଖି ବଣିଆ ଏତେ ଖୁସି ହୋଇଯାଉଥିଲା ଯେ, ମୋହର ଗୁଡ଼ାକ ପିଟି ହେଲେ ବି ତାକୁ କଷ୍ଟ ଲାଗୁ ନ ଥିଲା ।

ଚହୁଁ ଚହୁଁ ଅଣ୍ଟାଯାଏ ପୋତି ହୋଇଗଲା । ବଣିଆ ଛାଟିପଟି ହେଲା ପଳାଇଯିବାକୁ । କିନ୍ତୁ ପାରିଲା ନାହିଁ । ପାଦ ଉଠାଇଲାକ୍ଷଣି ଗୋଡ଼ ଖସି ଯାଉଥାଏ । ଏଣେ ମୋହର ବରଷୁଥାଏ । ଆଉ ଅଳ୍ପ ସମୟ ଭିତରେ ସେ ପୁରା ପୋତି ହୋଇଗଲା ।

ମୋହରର ଓଜନରେ ସେ ତ କେବଳ ପୋତି ହୋଇଗଲା ନାହିଁ । ଘର ଛପର ପର୍ଯ୍ୟନ୍ତ ମୋହର ଭଉହୋଇଗଲାରୁ, ତା'ର ଓଜନରେ ଝରକା, କବାଟସବୁ ଠେଲିହୋଇ ଭାଙ୍ଗିଗଲା । ଝଣଝାଣ ମୋହର ଗୁଡ଼ାକ ରାସ୍ତାକୁ ଛିଟିକି ପଡ଼ିଲା । ଶବ୍ଦଶୁଣି ପଡ଼ୋଶୀମାନେ ଦଉଡ଼ି ଆସିଲେ । ଘଟଣା କ'ଣ, ଏ ସବୁ କିପରି ଘଟିଲା, କେହି ଜାଣିପାରିଲେ ନାହିଁ । କିନ୍ତୁ ଏତେ ଗୁଡ଼ିଏ ସୁନା ମୋହର ଭିତରେ ବଣଆ ପୋତି ହୋଇଯାଇଥିବା ଦେଖି ଲୋକେ କହିଲେ "ଧନ ବିହୁନେ ପ୍ରାଣନାଶ, ଧନ ବହୁଳେ ପ୍ରାଣନାଶ ।"

ତେଣେ ଘରେ ପହଞ୍ଚି ସଦାନନ୍ଦ ତା' ସ୍ତ୍ରୀକୁ ହାର ବିଷୟରେ ସବୁ କହିଲା । "ଏଣିକି ଆମର ଦୁଃଖ ରହିବ ନାହିଁ । କିନ୍ତୁ ଯାହା ମାଗିବା, ଖୁବ୍ ଭାବିଚିନ୍ତି ମାଗିବା ।"

ତା' ସ୍ତ୍ରୀ କହିଲା, "ଆଉ ମାଣେ ଜମି ମାଗିଲେ ଭଲ ହୁଅନ୍ତା ନି ?"

ସଦାନନ୍ଦ ବୁଝାଇଲା, ଭାଗ୍ୟଦେବୀ ତ ଆମ ଉପରେ ପ୍ରସନ୍ନ । ଆଉ ବର୍ଷେ ଖଟି ଦେଲେ, ଯଦି ଫସଲ ଭଲ ହେଲା, ଆଉ ମାଣେ ଜମି ତ ନିଜ ପଇସାରେ କିଣି ପକାଇବା ।"

ତାହା ହିଁ ହେଲା । ସେ ବର୍ଷ ଫସଲ ଏତେ ଭଲ ହେଲା ଯେ ଜମି ମାଣେ କିଣିସାରି ବି ସେମାନେ କିଛି ସୁନାରୂପା କଲେ ।

ପରବର୍ଷ ସଦାନନ୍ଦର ସ୍ତ୍ରୀ ପୁଣି କହିଲା, "ଏଥର ଦୁଧିଆଳି ଗାଈଟିଏ ମାଗିଲେ ଭଲ ହୁଅନ୍ତା ! ପିଲାଛୁଆଙ୍କୁ ଦୁଧଟୋପାଏ ଭଲକରି ମିଳନ୍ତା ।

"ଛି !" ସଦାନନ୍ଦ କହିଲା । "ଏତେ ଛୋଟ ଜିନିଷଟିଏ ମାଗିବା ? ଆଉ ବର୍ଷକରେ ଗାଈ କିଣିବାକୁ ଆମ ହାତରେ ଯଥେଷ୍ଟ ଧନ ହୋଇଯିବ ।"

ସେଇଆ ହେଲା । ବର୍ଷ ଶେଷରେ ସେମାନେ ଗାଈଟିଏ କିଣିଲେ ।

ଖୁସିହୋଇ ସଦାନନ୍ଦ କହିଲା, "ଦେଖିଲୁ ? କିଛି ନ ମାଗି ଆଉ ଗୋଟିଏ ବର୍ଷ କଟିଗଲା । କୁହୁକ ହାର ଅଛି ବୋଲି ଆମେ ଯାହା ଚାହୁଁଛେ, ପାଉଛେ ।"

ଏମିତି ବର୍ଷପରେ ବର୍ଷ କଟିଗଲା । ଥରେ ସଦାନନ୍ଦର ସ୍ତ୍ରୀ କହିଲା, "ତୁମର କ'ଣ ହୋଇଛି କି ? ଆଗେ ତୁମେ ବହୁତ ଜିନିଷ ଚାହୁଁଥିଲ । ହାରଟି ପାଇଲା ଦିନଠାରୁ ତୁମର କ'ଣ କିଛି ଅଭାବ ନାହିଁ ? ଅଥଚ ତୁମେ ଦିନକୁ ଦିନ ବେଶୀ ଖଟୁଛ ? କାହିଁକି ସିନ୍ଦୁକରେ ସିନ୍ଦୁକେ ସୁନା ମାଗୁନାହଁ ? ଆମେ ରଜା ଭଳି ଚଳନ୍ତେ ।"

ସଦାନନ୍ଦ କହିଲା, "ଅଥୟ ହୁଅନା । ଆମର ତ ବୟସ ଅଛି । ପିଲାଙ୍କ ଭବିଷ୍ୟତ ଦେଖ । କାଳେ କ'ଣ ଭବିଷ୍ୟତରେ ଦରକାର ପଡ଼ିପାରେ । ଏବେ ତ ଅଭାବ ନାହିଁ । ତୁମେ ଖାଲି ଭାବୁଥାଅ, କ'ଣ ମାଗିଲେ ପିଲାଛୁଆଙ୍କ ଦୁଃଖ ରହିବ ନାହିଁ ।"

କଥାଟା ଖୁବ ସତ । ସଦାନନ୍ଦ ବେଶ୍ ଖଟିଲା । ଜମି ବଢ଼ିଲା, ଗାଈ-ଗୋରୁ ବଢ଼ିଲେ । ଚାଷ କରିବାକୁ ଚାକର ବାକର ରଖିଲା । ଅମାର ସବୁ ଭର୍ତ୍ତି ହୋଇ ରହିଲା । ସଦାନନ୍ଦ ବେଶ୍ ଅୟସରେ ଦିନ କାଟିଲା । ଘରିରେ ନାଚ ଗୀତର ବନ୍ଦୋବସ୍ତ କଲା । ସତେ ଯେପରି ସେ ଗାଆଁର କୁବେର ।

ତଥାପି ବେଳେ ବେଳେ ତା' ସ୍ତ୍ରୀ କହେ, ଏଥର ଏଟା ମାଗ, ନ ହେଲେ ସେଟା ମାଗ । ସବୁଥିରେ ସଦାନନ୍ଦ ବୁଝାଏ, "ଏ ତ ଛୋଟ ଜିନିଷ । ଏହାଠୁଁ ଆଉ ବଡ଼ କ'ଣ ଅଛି, ଚିନ୍ତାକର । ସେଇଟା ମାଗିବା ।

ଏମିତି ଦିନଗୁଡ଼ା କଟିଗଲା । ସେମାନେ ଆସ୍ତେ ଆସ୍ତେ ହାରର କୁହୁକଶକ୍ତି କଥା ଭୁଲିଗଲେ । ସଦାନନ୍ଦ ବୁଢ଼ା ହୋଇଗଲା । ତା' ସ୍ତ୍ରୀ ବି ବୁଢ଼ୀ ହୋଇଗଲା ।

ଦିନେ ଦୁହିଁଙ୍କର ବି କାଳ ହୋଇଗଲା—ସଦାନନ୍ଦର ଆଗେ; ଆଉ ତାକୁ ଝୁରି ଝୁରି ଅଳ୍ପ ସମୟ ଭିତରେ ବୁଢ଼ୀର ।

ପୁଅଝିଅ ନାତି ନାତୁଣୀମାନେ ଖୁବ୍ ସମ୍ମାନ ସହକାରେ ସତ୍କାର କରିବାକୁ ଗଲାବେଳେ ଦେଖିଲେ, ବୁଢ଼ାର ବେକରେ ସୁନାହାରଟିଏ ଅଛି । ସବୁ ବଡ଼ପୁଅ କହିଲା, "ବେକରୁ ହାର କାଢ଼ନା । ବାପା ସବୁବେଳେ ତାକୁ ପିନ୍ଧୁ ଥିଲେ । ହାରଟା ତାଙ୍କରି ସାଙ୍ଗରେ ଯାଉ ।"

ସଦାନନ୍ଦ ସାଙ୍ଗରେ ହାର ବି ପୋତାଗଲା ।

ହାରଟା ନକଲି, ସେ ଜାଣି ନ ଥିଲା । ତଥାପି କୁହୁକ ହାର ଭଳି ସାରା ପରିବାରରେ ସୁଖ ସମୃଦ୍ଧି ଆଣିଦେଇଥିଲା ।

ପିଲାଏ ଏଥିରୁ କ'ଣ ଶିଖିଲ ? ଅସଲି ଜିନିଷ ବି ଖଳ ଲୋକ ହାତରେ ପଡ଼ିଲେ ଦୁଃଖ ଦିଏ, ମୃତ୍ୟୁର କାରଣ ହୋଇପାରେ । ଆଉ, ଜିନିଷ ନକଲି ହେଲେ ବି ଭଲଲୋକ ହାତରେ ପଡ଼ିଲେ ଭଲ ଫଳ ଦିଏ ।

# ଗରିବୀ ଛୁଟିଲା କେମିତି ?

ଦୁନିଆକୁ କେବେ ଗରିବୀ ଆସିଲା, ମୁଁ କହି ପାରିବି ନାହିଁ; କିନ୍ତୁ ଗରିବୀ କେମିତି ଲୋକଙ୍କୁ ଛାଡ଼ି ପଳାଏ ସେ କଥା କହି ପାରିବି । ଗରିବୀ ପୂରାପୂରି ଦୁନିଆରୁ ପଳାଇଯାଇ ନାହିଁ ସତ, କିନ୍ତୁ ଖୁବ୍ ଡରିଯାଇଛି ।

ଦୁଇ ଭାଇଙ୍କ କଥା । ସାନ ଭାଇ ଗାଁରେ ରହେ । କୁଡ଼ିଆ ଘର । ଖୁବ୍ ଗରୀବ । ବଡ଼ଭାଇ ବଣିକ, ପାଖ ସହରରେ ରହେ, ଖୁବ୍ ବଡ଼ ବ୍ୟବସାୟ କରେ ।

ଦିନେ ଗରୀବ ଭାଇଟି ଧନୀ ଭାଇ ପାଖକୁ ଆସିଲା । ଭାଇ, ଆମେ ଖୁବ୍ ଗରୀବ ହୋଇଗଲୁଣି । ସ୍ତ୍ରୀ ଓ ପିଲାମାନେ ଭୋକ ଉପାସରେ ଅଛନ୍ତି । କିଛି ସାହାଯ୍ୟ କର ।

ଠିକ୍ ଅଛି, ଆଗେ ସପ୍ତାହେ ଖଣ୍ଡେ ଏଠି କାମ କର । ବଡ଼ଭାଇ କହିଲା ।

ଗରୀବ ଭାଇଟି ସପ୍ତାହେ ଯାକ କାମ କଲା । ଅଗଣା ଝାଡ଼ୁ କଲା । ବଳଦ ଚରାଇଲା । ଗାଈକୁ ଦାନାପାଣି ଦେଲା । ବଣ ଜଙ୍ଗଲରୁ କାଠ ଆଣିଲା । ବଡ଼ଭାଇର ଦୋକାନ ଚିନ୍ତା ଛଡ଼ା ଆଉ କିଛି ଚିନ୍ତା ରହିଲା ନାହିଁ । ସବୁକୁ ସାନଭାଇ ସମ୍ଭାଳି ସକାଳୁ ସଞ୍ଜଯାଏ କାମ କଲା । ନିତିଦିନ ଖିଆପିଆ ପାଇଲା । ପୁଣି ସପ୍ତାହ ଶେଷ ହେବା ଦିନ ସାତକିଲୋ ଚାଉଳ ଆଉ ସାତ ଟଙ୍କା ପାଇଲା ।

ଖୁବ୍ କୃତ୍ୟ କୃତ୍ୟ ହୋଇ ଗରୀବ ଭାଇଟି ବାହାରିଯାଉଥିଲା । ବଡ଼ଭାଇ କହିଲା ଟିକେ ରହ । ମୋର କାଲି ଜନ୍ମଦିନ । ଭୋଜିଭାତ ହେବ । ଯଦି ଘରକୁ ଯାଉଛ , ଛୁଆପିଲାଙ୍କୁ ଧରି କାଲି ଆସିବୁ ।

ଗ୍ରଷୀ ଭାଇଟି ଗାଁରେ ପହଞ୍ଚି ଗ୍ରଉଳ ଆଉ ଟଙ୍କାତକ ସ୍ତ୍ରୀକୁ ଧରଇ ଦେଲା । ଭାଇରର ଜନ୍ମଦିନପାଇଁ ନିମନ୍ତ୍ରଣ କଥା କହିଲା ।

ସ୍ତ୍ରୀ ସାଫ୍ ସାଫ୍ କହିଦେଲା, ମୁଁ ଯିବି ନାହିଁ । କେତେ ବଡ଼ ଲୋକ ତାଙ୍କ ଘରକୁ ଆସିବେ । ସେମାନଙ୍କ ମେଳରେ ଆମ ଭଳି ଗରୀବ ଲୋକ କିମିତି ଦିଶିବେ ! ଅସୁନ୍ଦର ହେବନି ?

ବହୁତ ବୁଝେଇ ସୁଝେଇ ଗ୍ରଷୀଭାଇଟି ସ୍ତ୍ରୀକୁ ରାଜି କରଇଲା । ଭାଇରର ଜନ୍ମଦିନ । ଲୋକେ ହାଉ ଯାଉ । ବଡ଼ ବଡ଼ ଗୋଦାମ ମାଲିକମାନେ ବି ଆସିଥାନ୍ତି । କେତେ ରକମର ଖାନା । କେତେ ରକମର ପିଆପଇ । ଖାଇବା ଟେବୁଲଟା ସତେ ଯେମିତି ଭାଙ୍ଗି ପଡ଼ିବ । କେହି ଟିକେ ହେଲେ ଗ୍ରଷୀଭାଇ ବା ତା' ସ୍ତ୍ରୀ ଆଡ଼କୁ ନଜର ପକାନ୍ତି ନାହିଁ କି କେହି ସେମାନଙ୍କୁ ଖାଅ ଖାଅ ବୋଲି କହନ୍ତି ନାହିଁ ! ଅତିଥିମାନେ ଫେରିଗଲାବେଳେ ପରସ୍ପରକୁ ଧନ୍ୟବାଦ ଦେଉଥାନ୍ତି। ଧନୀଭଇଙ୍କଠାରୁ ବିଦାୟ ନେଉଥାନ୍ତି । ହସଖୁସିରେ ଫେରୁଥା'ନ୍ତି । କିନ୍ତୁ ଗ୍ରଷୀ ଓ ତା' ସ୍ତ୍ରୀର ପେଟ ଭୋକରେ କଁ କଁ ଡାକୁଥାଏ ।

ମୁଁ କାହିଁକି ଚୁପ୍ ରହିବି ? ସେମିତି ଧନ୍ୟବାଦ ଦେଇ ଖୁସିରେ ଫେରି ଯିବା ଉଚିତ୍ । ଏମିତି ଗ୍ରଷୀ ଭାଇଟି ଭାବୁଥିଲାବେଳେ ତାକୁ ଶୁଣାଗଲା, କିଏ ଯେମିତି କହୁଛି, ହଁ ହଁ ସେଇୟା କର ।

ତୁମେ କିଏ ? ସେ ମନେ ମନେ ପଗ୍ରରିଲା ।

ମୁଁ ଗରିବୀ । ତା'ରି ପାଖରୁ ଶବ୍ଦ ଶୁଭିଲା । ଗୋଟିଏ ପାକୁଆ ପାଟିବାଲା ବୁଢ଼ା ଲୋକ, ବାଉଁଶ କଣିଭଳି ପାତଳା । ସେ ଲୋକଟି କହୁଛି ।

ଗ୍ରଷୀ, ତା'ର ସ୍ତ୍ରୀ ଓ ଗରିବୀ ତିନିହେଁ ଯାକ ଗାଁକୁ ଗ୍ରଲିଗଲେ ।

ପରଦିନ ଗରିବୀ କହିଲା, ଭଇ ଗ୍ରଲ ଟିକେ ନାଲି ପାଣି ପିଇ ଆସିବା । ଗ୍ରଷୀ କହିଲା ଭାଟିକୁ କିମିତି ଯିବା ? ମୋ ହାତରେ ପଇସାନାହିଁ । ବିନା ପଇସାରେ ଟୋପେ ବି ମଦ ମିଳିବ ନାହିଁ ।

ଗରିବୀ ଛାଡ଼ିଦେବା ଲୋକ ନୁହେଁ । କହିଲା, ତୋ ଶଗଡ଼ଦଣ୍ଡାଟା ବିକି ଦେଉନୁ ? ଗ୍ରଷ ବାସ ହେବ, ଫସଲ ହେବ, ତେବେ ଯାଇ ତ ଶଗଡ଼ ଚଳାଇବୁ? ବହୁତ ଦିନ ପରେ ସେ କଥା, ଏବେ ତ ଶଗଡ଼ ଦରକାର ନାହିଁ ।



ଶଗଡ଼ଦଣ୍ଡା ବିକି ଦେଣ୍ ଦିନାକେତେ ମଦ ପଇ ସେମାନେ ମସଗୁଲରେ ରହିଲେ । ପଇସା ସରିଗଲାପରେ ଗରିବୀ ଯେତେବେଳେ ପୁଣି ଭଟିକୁ ଯିବାକୁ କହିଲା, ଗୁଷୀଭାଇଟି ମନା କଲା । ମୋ ପାଖରେ ପଇସା କାହିଁ ଯେ ମଦ ପିଇବା ?

ଚଟ୍‌କିନା ଗରିବୀ କହିଲା, କାହିଁକି ? ତୋ ଲଙ୍ଗଳଟା ବିକି ଦେଉନୁ ? ଅକ୍ଷୟ ତୃତୀୟା ତ ବହୁତ ଦିନ ଅଛି । ଗୁଷ କାମ ଏବେ ତ ହେଉନି ।

ଗୁଷୀ ସେଇୟା କଲା । ଭାଟିରେ ପୁଣି କେତେ ଦିନ ମଦ ପିଆ ଗ୍ଲିଲା । ମଦ ନିଶା ତ ଛାଡ଼ିବା କଥା ନୁହେଁ । ପଇସା ସରିଗଲେ ବି ଗରିବୀ ପୁଣି ଗୁଷୀକୁ ମଦ ପିଇବାକୁ ଡାକିଲା । ଏଥରକ ଗୁଷୀ ନିଜ ହାତରୁ ଖର୍ଚ୍ଚ କରିବ ନାହିଁ ବୋଲି ଯିଦ୍ ଧରିଲା । ମୁଁ କ'ଣ ସବୁବେଳେ ଦେଉଥିବି ? ଏଥରକ ତୋର ପାଳି । ପଇସା ଦେବୁ ତ ଯିବା, ନ ହେଲେ ମୁଁ ଘରେ ରହୁଛି ।

ଠିକ୍ ଅଛି । ଗରିବୀ ରାଜି ହୋଇ କହିଲା । ପଡ଼ିଶାଘରୁ ଶଗଡ଼ ଆଉ ବଳଦ ଆଣି ମୋ ସାଙ୍ଗରେ ଆ ।

ଜଙ୍ଗଲରୁ କିଛି କାଠ ଆଣିବି କହି ଗୁଷୀଟା ପଡ଼ିଶା ଘରୁ ଶଗଡ଼ ବଳଦ ମାଗିଆଣି ଗରିବୀ ସାଙ୍ଗରେ ଗ୍ଲିଲା ।

ଜଙ୍ଗଲର ଗୋଟିଏ ଖୋଲା ଜାଗାରେ ଗୋଟିଏ ଥୁଣ୍ଟା ଗଛ ପାଖରେ ସେମାନେ ଅଟକିଲେ ।

ଗରିବୀ କହିଲା, ଏଇ ଗଛ ମୂଳଟାକୁ ଖୋଳି ବାହାର କର । ଗୁଷୀଟି ଖୋଳିଲା ।

ମୂଳଟା ଉପୁଡ଼ି ଗଲାପରେ କ'ଣ ବାହାରିଥିବ ବୋଲି ତୁମେ ଭାବୁଛ ?

ଗଦାଏ ସୁନାଟଙ୍କା । ସାଙ୍ଗେସାଙ୍ଗେ ଗୁଷୀଟି ଶଗଡ଼ରେ ଗୁଡ଼ାଏ ବୋଝାଇ କଲା ।

ଗରିବୀ ହସି ହସି କହିଲା, ଦେଖିଲୁ କେତେ ଟଙ୍କା ! ଏଥର ଗ୍ଲ୍ ମନଇଚ୍ଛା ପିଇବୁ ।

ଗରୀବ ହେଲେ କ'ଣ ହେବ, ଗୁଷୀ ଭାଇଟି ବୋକା ନୁହେଁ । ଗରିବୀ ଯେମିତି ପିଉଛି ନା, ସବୁ ଟଙ୍କା ପାଣି ଭଳି ବୋହିଯିବ । ତେଣୁ ସେ କହିଲା

ଟିକିଏ ରହ । ଆହୁରି କେତେ ଗୁଡ଼ିଏ ମୋହର ଦିଶୁଛି । ଛାଡ଼ିଯିବାକୁ ମୋତେ ଇଚ୍ଛା ହେଉନି । ତୁ ତ ମୋ' ଠାରୁ ପତଳା, ପଶିଯା' ସେତକ ମୋହର ନେଇ ଆ ।

ଗରିବୀ ଯେମିତି ଗାତ ଭିତରକୁ ଓହ୍ଲାଇ ଯାଇଛି, ଚାଷୀ ଭାଇଟି ଉପୁଡ଼ା ମୂଳଟାକୁ ଗାତଭିତରେ ପୂରେଇ ଦେଲା । ଗଛର ଚାପରେ ଗରିବୀ ସେଠି ରହିଲା ।

ଚାଷୀଟି ଘରକୁ ଫେରିଲା । ନୂଆ ଘର ତିଆରି କଲା । ବହୁତ ଜମିବାଡ଼ି କିଣି ଚାଷକାମ କଲା । ଗାଈ-ଘୋଡ଼ା ଏତେ କିଣିଲା ଯେ ଗୁହାଳ-ଅସ୍ତାବଳ ଭର୍ତ୍ତି ହୋଇଗଲା । ଦିନ କେଇଟା ଭିତରେ ସେ ଗାଁରେ ସବୁଠାରୁ ଧନୀ ହୋଇପଡ଼ିଲା । ତା'ର ନିଜର ଜନ୍ମଦିନ ପାଳିବାପାଇଁ ସେ ଗୋଟିଏ ବଡ଼ ଭୋଜିଭାତ ବରାଦ କଲା । ସହରର ବଡ଼ଭାଇକୁ ନିମନ୍ତ୍ରଣ କଲା ।

ବଡ଼ଭାଇ ଆଶ୍ଚର୍ଯ୍ୟ ହୋଇଗଲା, ତୁ ଏଡ଼େ ଧନୀ କିପରି ହେଲୁ ।

ହସି ହସି ସାନଭାଇ କହିଲା, ଗରିବୀ ଯୋଗୁ । ଗରିବୀ ହିଁ ମୋତେ ସାହାଯ୍ୟ କରିଛି ।

ଗରିବୀ କିପରି ଜଣକୁ ବଡ଼ ଲୋକ କରିବ ମୁଁ ତ ବୁଝିପାରୁନି ?

ବଣିକ ଭାଇଟି ଏମିତି ଆଶ୍ଚର୍ଯ୍ୟ ହେବାର ଦେଖି ଚାଷୀଭାଇ ସବୁକଥା କହିଲା । ଧନ କେଉଁଠି ପୋତା ହୋଇଛି, ଗରିବୀ ଦେଖାଇଦେଲା । ତୁମେ ସେହି ଜାଗାକୁ ଗଲେ, ଗରିବୀକୁ ନିଶ୍ଚୟ ପାଇବ । ଏବେ ବି ସେ ଗାତ ଭିତରେ ଗଛ ଖୁଣ୍ଟି ତଳେ ବସିଥିବ ।

ସହରୀ ଭାଇ ଠିକଣା ନେଇ ଚାଲିଲା । ଜଙ୍ଗଲର ଠିକ୍ ସେହି ଜାଗାକୁ । ଦେଖିଲା, ଗଛ ଖୁଣ୍ଟି ଫାଙ୍କ ଗାତରେ ଗରିବୀ ବସିଛି । ସେ ସାଙ୍ଗେସାଙ୍ଗେ ଖୁଣ୍ଟିଟାକୁ ଆଡ଼େଇ ଦେଲା । ଏଥର ସେ ଯାଏ କୁଆଡ଼େ ? ଗରିବୀ ହଠାତ୍ ଡେଇଁପଡ଼ି ତା' ପିଠିରେ ବସିପଡ଼ିଲା ।

କୃତଘ୍ନ । ନରାଧମ । ତୋତେ ମୁଁ ଧନ ଦେଖାଇଲି; ଆଉ ତୁ ମୋତେ ଛାଡ଼ି ଚମ୍ପଟ । ଏଥରକ ମୁଁ ଆଉ ତୋତେ ଛାଡ଼ିବି ନାହିଁ ।

ବଣିକ ଭାଇଟି ଯେତେ ବୁଝାଇଲା ଯେ ସେ ଦୋଷ କରିନାହିଁ କିମ୍ବା ତା' ଭାଇପାଇଁ ତାକୁ ଭୁଲ୍‌ରେ ଧରିବା ଉଚିତ୍ ନୁହେଁ—ତଥାପି ଗରିବୀ ଛାଡ଼ିଲା ନାହିଁ । ପ୍ରତିଦିନ ଗରିବୀକୁ ଭାଟିକୁ ନେବାକୁ ପଡ଼ିଲା । ମଦ ପିଇ ପିଇ ତା'ର

ସବୁ ଟଙ୍କା ଉଡ଼ିଗଲା । ବଣିକଟି ଦେଖିଲା ଯଦି ସେ ଗରିବୀକୁ ନ ତଡ଼େ ତେବେ ଭିକାରି ହେବା ଛଡ଼ା ଅନ୍ୟ ଗତି ନାହିଁ ।

ତା' ସ୍ତ୍ରୀ କୁ ଦିନେ ଦୁଃଖ କରି ବଣିକ କହିଲା, ଏମିତି ଆଉ କେତେ ଦିନ ଚଳିବି ? ଗରିବୀକୁ ତଡ଼ି ନ ପାରିଲେ ଆମେ ଭିକାରି ହୋଇଯିବା ।

ତା' ସ୍ତ୍ରୀ ଟିକେ ଚତୁରୀ । ସେ କହିଲା, ଏଣିକି ଯେତେବେଳେ ଗରିବୀ ଭାଟିକୁ ଯିବାକୁ କହିବ, ତୁମେ କହିବ ଚାଲ ବାଜିଏ ଲୁଚକାଳି ଖେଳ ଖେଳିବା, ତା' ପରେ ପିଇବାକୁ ଯିବା ! ଏତକ ତୁମେ କହି ଖେଳ ଆରମ୍ଭ କରିଦିଅ, ମୁଁ ମୋ କରିବା କଥା କରିବି ।

ବଣିକ ଠିକ୍ ସେଇଆ କଲା ! ଗରିବୀ ଖୁବ୍ ନିଶା ଖୋର । ଯଦି ରାଜି ନ ହେଉଛି, ମଦ ଟୋପାଏ ମିଳିବ ନାହିଁ ।

ବଣିକ ପ୍ରଥମେ ଲୁଚିଲା, ଗରିବୀ ସାଙ୍ଗେ ସାଙ୍ଗେ ତାକୁ ବାହାର କରିଦେଲା । ତା ପରେ ଗରିବୀର ପାଳି ! ସେ କେଉଁଠି ଲୁଚିଲା ବଣିକ ଜାଣି-ପାରିଲା ନାହିଁ । କିନ୍ତୁ ତା'ର ସ୍ତ୍ରୀ ତ ସବୁ ଦେଖୁଥିଲା । ଗରିବୀ ଯେମିତି ଗୋଟିଏ ଖାଲି ଘମ ଭିତରେ ପଶିଯାଇଛି ସ୍ତ୍ରୀଟି ହଠାତ୍ ଦଉଡ଼ି ଯାଇ ଘମର ମୁହଁ ବନ୍ଦ କରିଦେଲା । ଘମରେ ଧାନ କି ଚାଉଳ ନ ଥିଲା । ଘମର ମୁହଁରେ ସରାଟା ଲଦିଦେଇ ଗୁଡ଼ାଏ ମାଟି ଲିପିଦେଲା । ତା' ପରେ ଟୁଡ଼ାଏ ପାଳ ଦଉଡ଼ିରେ ବାନ୍ଧି ଘମଟାକୁ ପୁରା ବନ୍ଦ କରିଦେଲା ।

ସ୍ୱାମୀ ସ୍ତ୍ରୀ ଦୁହେଁ ଘମଟାକୁ ବୋହିନେଇ ନଈରେ ଫୋପାଡ଼ି ଦେଲେ । ଗରିବୀ ତେଣେ ବୁଡ଼ିମଲୁ ।

ସେହିଦିନୁ ବଡ଼ଭାଇର ବଣିଜ ପୁଣି ବଢ଼ିଲା, ଧନ ଆସିଲା ।

କିନ୍ତୁ ଗରିବୀ ବୁଡ଼ି ମଲା ନାହିଁ ।

ଆଉ ଜଣେ ଘମକୁ ପାଣରୁ ଉଠାଇ ସେଥିରେ କ'ଣ ଅଛି ଦେଖିବା ବେଳେ ଗରିବୀ ତାକୁ ମାଡ଼ିବସିଲା । ସେହି ଦିନଠୁ ଗରିବୀ ଆମ୍ଭମାନଙ୍କ ଭିତରେ ରହି ଆସିଛି । ଜଣେ ତଡ଼ି ଦେବାର ଉପାୟ କଲେବି ଆଉ ଜଣେ ତା ଖାପ୍‌ଚରେ ପଡ଼ିଯାଉଛି ।

# ସରଗର ଚାନ୍ଦ

ବହୁତ ଦିନ ତଳର କଥା । ସେତେବେଳେ ଓଡ଼ିଶାର ସାଧବମାନେ ବାଣିଜ୍ୟ ବ୍ୟବସାୟ କରିବାପାଇଁ ଦରିଆପାରି ଦୂର ଦେଶମାନଙ୍କୁ ଯାଉଥିଲେ । ସେମାନେ ଏତେ ଧନ ରୋଜଗାର କରୁଥିଲେ ଯେ ରାଜା ମହାରାଜା ଭଳି ଚଳୁଥିଲେ । ସେମାନଙ୍କ ପୁରୋହିତ, ଜ୍ୟୋତିଷ, ଦାସଦାସୀ ବହୁତ ଥିଲେ । ଆଉ ସବୁଠାରୁ ବଡ଼ ମଜା କଥା ଯେ ସେମାନଙ୍କ ପିଲାଏ ଯାହା ମାଗୁଥିଲେ ତାହା ପାଉଥିଲେ ।

ଏମିତି ଜଣେ ଧନୀ ସାଧବଙ୍କ ଅଲିଅଳି ଝିଅକୁ ଜର ହେଲା । ଏହି କୁନି ଜେମାକୁ ଜର ହେବାର କାରଣ କଣ ଜାଣିଛ ? ଗୁଡ଼ାଏ ରସଗୋଲା ଆଉ ଛେନାପୋଡ଼ ଖାଇ ତା' ଦେହ ଖରାପ ହୋଇଥିଲା । ସେତେବେଳକୁ କୁନି ଜେମାଙ୍କ ବୟସ ଦଶପୂରି ଏଗାର ଚାଲିଥାଏ ।

ସାଧବଙ୍କ ଘରେ ବୈଦ୍ୟ ଆସିଲେ । ଦେହର ତାତି ମାପିଲେ । ନାଡ଼ି ଦେଖିଲେ । ତାଙ୍କ କଥାରେ କୁନି ଜେମା ଜିଭଟା ଲମ୍ବକରି କାଢ଼ି ଦେଖାଇଲା । କିଛି ରୋଗବାଗ ନ ଦେଖି ବୈଦ୍ୟ ସାଧବଙ୍କୁ ବୁଝାଇଲେ; କୁନି ଜେମାଙ୍କର କିଛି ଗୋଟାଏ ଅଭାବ ରହିଛି, ତାକୁ ପୂରଣ କରନ୍ତୁ ।

ତୁ ଯାହା ଚାହିଁବୁ ମୁଁ ଆଣିଦେବି—ସାଧବ କହିଲେ । କହିଲୁ ମା, ତୁ କଣ ଚାହୁଁଛୁ ?

ବାପା, ମୋତେ ଚାନ୍ଦ ଆଣିଦିଅ । ଚାନ୍ଦ ପାଇଲେ ମୁଁ ଭଲ ହୋଇଯିବି । କୁନି ଜେମାର ଏ ଉତ୍ତର ଶୁଣି ସାଧବ ଆଶ୍ଚର୍ଯ୍ୟ ହେଲେ । ଛୁଆମାନଙ୍କୁ ସିନା

ଭୁଲାଇବାକୁ ମାଆମାନେ କହନ୍ତି "ଆ ଜହ୍ନମାମୁଁ ସରଗଶଶୀ, ମୋ କାହ୍ନୁ ହାତରେ ପଡ଼ରେ ଖସି", ସତେ କ'ଣ ଜହ୍ନ ଆଣି ହେବ ? କିନ୍ତୁ ଅଲିଅଳ ଝିଅକୁ ତ ସୁସ୍ଥ କରିବାକୁ ପଡ଼ିବ । ସାଧବ ଚାରିଆଡ଼େ ଖବର ପଠାଇଲେ । ପ୍ରଥମେ ତାଙ୍କର ବଡ଼ ଗୁମାସ୍ତା ପହଞ୍ଚିଲେ । ଚାନ୍ଦ ଆଣି ଦେବାକୁ ପଡ଼ିବ—ସାଧବଙ୍କ ଆଜ୍ଞା ।

ମଥାକୁ ରୁମାଲରେ ପୋଛି, ନାକଟା ସୁଁ କରି ଗୁମାସ୍ତା କହିଲେ, ହୀରା, ନୀଳା, ମୋତି, ମାଣିକ ସବୁ ଆଣିହେବ ଆଜ୍ଞା; ଚାନ୍ଦ କିପରି ଆଣିହେବ ? ସେ ତ ୨୦ ହଜାର କୋଶ ଦୂରରେ । ପୁଣି ଜେମାଙ୍କ କୋଠରୀଠାରୁ ଆକାରରେ ବଡ଼ । ଚାନ୍ଦଟା ଖାଲି ତରଳ ତମ୍ବାରେ ତିଆରି, ଧରିଲକ୍ଷଣି ବୋହିଯିବ । ଆଜ୍ଞା ମୁଁ ଆଣିପାରିବି ନାହିଁ ।

ସାଧବ ଖୁବ୍ ରାଗିଗଲେ । ଗୁମାସ୍ତାଙ୍କୁ ଦୂର୍ ଦୂର୍ କରି ତଡ଼ିଦେଲେ । ଗୁମାସ୍ତା ଚାଲିଗଲାପରେ ସେ ପୁରୋହିତଙ୍କୁ ଡକାଇ ପଠାଇଲେ । ଧୋବ ଫରଫର ଧୋତିପିନ୍ଧି ଚିତାଚଇତନ ହୋଇ ପୁରୋହିତେ ପହଞ୍ଚିଗଲେ । ସାଧବ ତାଙ୍କ ଝିଅପାଇଁ ଚାନ୍ଦ ଚାହୁଁଛନ୍ତି ଶୁଣି ପୁରୋହିତ ଶେତା ପଡ଼ିଗଲେ ।

ମୁଁ ଆପଣଙ୍କପାଇଁ କେତେ ମନ୍ତ୍ରତନ୍ତ୍ର ପଢ଼ୁଛି । ମନ୍ତ୍ର ପଢ଼ିଲେ ଦେବୀ ଉଭା ହୋଇପଡ଼ିବେ । ଅଗ୍ନିଦେବତା ହୋମକାଠକୁ ଜାଳିଦେବେ । କିନ୍ତୁ ଜହ୍ନକୁ ଆଣିପାରିବା ଭଳି ମନ୍ତ୍ର ତ ମୁଁ ଜାଣେ ନାହିଁ । ଜହ୍ନ ଏଠୁ ପଚାଶ ହଜାର କୋଶ ଦୂର । ଆପଣଙ୍କ କୋଠାର ଦୁଇଗୁଣରୁ ବେଶୀ ବଡ଼ । ପୁଣି ତହିଁରେ ବୁଢ଼ୀଟିଏ ଠେକୁଆ ଅଛନ୍ତି ।

ସାଧବ ଖୁବ୍ ବିରକ୍ତି ହୋଇଗଲେ । "ଆଜିଠାରୁ ପୁରୋହିତ ପଦରୁ ବାହାରିଯାଅ"—କହି ସାଧବ ତାଙ୍କୁ ତଡ଼ିଦେଲେ ।

ସାଧବ ଏଥର ଜ୍ୟୋତିଷ ମହାଶୟଙ୍କୁ ଡାକି କହିଲେ, "ଜ୍ୟୋତିଷେ ! ଝିଅ ମୋର ଅସୁସ୍ଥ, ଚାନ୍ଦ ପାଇଲେ ସେ ଭଲ ହୋଇଯିବ । ଏହାର ବନ୍ଦୋବସ୍ତ କର ।"

ଚଷମାଟିକୁ ନାକତଳକୁ ଟାଣିଆଣି, ଚଷମାଉପର ଦେଇ ଚାହିଁ ଜ୍ୟୋତିଷ କହିଲେ, ମୁଁ ଆପଣଙ୍କୁ କେତେ ପ୍ରକାର ପଥର ଦେଇଛି । ଆପଣଙ୍କ ରାଶି ଟାଣ କରିଛି, । ନ ହେଲେ ଏଡ଼େ ବଡ଼ ସମ୍ପତ୍ତିର ମାଲିକ ଆପଣ ହୋଇଥା'ନ୍ତେ? କିନ୍ତୁ ଚାନ୍ଦକୁ ଆଣିବା ତ ସମ୍ଭବ ନୁହେଁ ।

କହୁ କହୁ କାନସନ୍ଧିରେ ଥିବା ମାଟି ଖଡ଼ିକୁ କାଢ଼ି ସେ ହିସାବ କଲେ ।

୨୪-ଗ୍ରହ ଏଠାରୁ ଦେଢ଼ଲକ୍ଷ କୋଶ* ଦୂର । କେବଳ ସେତିକି ନୁହେଁ; ଆକାଶରେ ଅଠା ଲଗାଇ ଗ୍ରହକୁ ରଖାଯାଇଛି—ଏ ତ ଗୋଟିଏ ବିରାଟ ଟିଣଥାଳି—ଆମ ଦେଶର ଅଧାଅଧିରୁ ବେଶୀ ।

ତୁମେ ସବୁ ଅପଦାର୍ଥ । ସାଧବ ରାଗିଯାଇ ଜ୍ୟୋତିଷକୁ କହିଲେ, ଆଉ କେବେ ମୋ ଆଗରେ ମୁହଁ ଦେଖାଇବ ନାହିଁ । ତେଣେ କୁନିଜେମାର ଜ୍ୱର ବଢ଼ିଗଲା, ସେ କାନ୍ଦିବାକୁ ଲାଗିଲା । ଘରର ପୁରୁଣା ଚାକର କୁନିଜେମାକୁ ଛୁଆଟିବେଳୁ କାଖେଇ କୋଡ଼େଇଆଣିଛି, ତାକୁ ଡାକିଲେ ସେ କାଳେ ସମ୍ଭାଳି ନେବ ବୋଲି ଭାବି ସାଧବ ବୁଢ଼ା ନିରଞ୍ଜନକୁ ଡାକିଲେ । "କୁନିଟା ବଡ଼ କାନ୍ଦୁଛି, ତୁ ଟିକେ ତାକୁ ଭୁଲାଇ ଦେ," ସାଧବ କହିଲେ ।

ଆଜ୍ଞା ରୋଗ ବଇରାଗ କ'ଣ ହୋଇଛି, କିଛି ଜଣା ପଡ଼ିଲା କି ? ନିରଞ୍ଜନ ପଚାରିଲା ।

କୁନି ଚାହୁଁଛି ସରଗର ଚାନ୍ଦ । ଚାନ୍ଦ ନ ପାଇଲେ ତା' ଦେହ ଭଲ ହେବ ନାହିଁ । ଜଣକପରେ ଜଣକୁ ମୁଁ ଚାନ୍ଦ ଆଣିବାକୁ କହିଲି ଯେ, ଚାନ୍ଦର ଆକାର ବଢ଼ି ବଢ଼ି ଚାଲିଛି, ଆଉ ଦୂର ବି ବେଶୀ ବେଶୀ ହୋଇଯାଉଛି । ମୁଁ ଏଥିରେ ନାଚାର ।

ସାଧବଙ୍କ ଏକଥା ଶୁଣି ବୁଢ଼ା ଚାକର ପଚାରିଲା, ସେମାନେ କେତେ ବଡ଼ ଆଉ କେତେ ଦୂର ବୋଲି କହୁଛନ୍ତି ?

ଗୁମାସ୍ତା କହୁଛି ୨୦ ହଜାର କୋଶ ଦୂର, ଝିଅର ଶୋଇବା ଘରଠାରୁ ବଡ଼ । ପୁରୋହିତ କହୁଛି ୫୦ ହଜାର କୋଶ ଦୂର, ମୋ କୋଠାର ଦୁଇଗୁଣରୁ ବେଶୀ ବଡ଼ । ଜ୍ୟୋତିଷ କହୁଛି ଦେଢ଼ଲକ୍ଷ କୋଶ ଦୂର, ଆମ ଉତ୍କଳ ଦେଶର ଅଧାରୁ ବଡ଼ ।

ବୁଢ଼ା ଚାକର ଟିକେ ଅମିଗଲା । ମୁଣ୍ଡର ପତଳା ବାଳଭିତରେ ଅଙ୍ଗୁଳି ଖେଳାଉ ଖେଳାଉ କହିଲା, ଏମାନେ ସମସ୍ତେ ଜ୍ଞାନୀ ଲୋକ । ସମସ୍ତେ ନିଶ୍ଚୟ ସତ କହୁଥିବେ । ଯଦି ସମସ୍ତେ ସତ କହୁଛନ୍ତି, ତେବେ ଯଏ ଯେମିତି ଭାବୁଛି, ଜହ୍ନ ସେମିତି ଦୂର ଆଉ ସେମିତି ବଡ଼ ହୋଇଥିବ ନିଶ୍ଚୟ । ମୋ ମତ, ଚାଲନ୍ତୁ ପଚାରିବା ଆମ ଜେମା ମାଆ କ'ଣ ଭାବୁଛନ୍ତି ? ଜହ୍ନ ଯେତେ ବଡ଼ ଆଉ ଯେତେ ଦୂର ବୋଲି ସେ କହିବେ ତାହା ହିଁ ଠିକ୍ ।

---

* ପ୍ରାୟ ସାଢ଼େ ଚାରିଲକ୍ଷ କିଲୋମିଟର



ସାଧବଙ୍କ ମନକୁ ଏ କଥାଟି ବେଶ୍ ପାଇଲା । ସେଇୟା କରିବା । ଡଗଡଗ ହୋଇ ବୁଢ଼ା ଘୋଡ଼ାରଥଟି କୁନିଜେମା ପାଖରେ ପହଞ୍ଚିଗଲା । ସାଧବ ପଛରେ ପଡ଼ିଗଲେ । ଯେଉଁ ନିରଞ୍ଜନ ତାକୁ କାଖେଇ କୁଣ୍ଢେଇ ବଡ଼ କରିଛି, ସେ ଆସିଛି ଦେଖି କୁନିଜେମାର ଖୁସି କହିଲେ ନ ସରେ । କିନ୍ତୁ ତାର ମୁହଁଟା ଶେତା ପଡ଼ିଯାଇଥିଲା ଓ ପାଟିରୁ କଥା ଜୋରରେ ବାହାରୁ ନ ଥିଲା । ଓଠ ଥରଥର କରି ପଚାରିଲା, ମୋ ପାଇଁ ଚାନ୍ଦ ଆଣିଛୁ ।

ଏବେ ଆଣିବି । ଆଚ୍ଛା କହିଲ ମା' ଚାନ୍ଦଟା କେଡ଼େ ବଡ଼ ? ନିରଞ୍ଜନ ପଚାରିଲା ।

ଠିକ୍ ମୋ ବୁଢ଼ା ଅଙ୍ଗୁଳି ନଖଭଳି । ମୁଁ ଯେତେବେଳେ ଆଖି ଆଗରେ ବୁଢ଼ା ଅଙ୍ଗୁଳି ରଖୁଛି ନା ଜହ୍ନଟା ଦିଶୁନାହିଁ । କୁନିଜେମା ବୁଝାଇବା ଭଳି କହିଲା ।

ବେଶ୍ । ଏବେ କହିଲ ମା' ଚାନ୍ଦ ଏଠୁ କେତେ ଦୂର ?

କାହିଁକି ? ହେଇ ସେ ଝରକାପାଖ ନଡ଼ିଆ ଗଛଟା ଦେଖୁଛୁ ନା ? ତା'ରି ଆଗ ଯେତେ ଦୂର ଠିକ୍ ସେତିକି ଦୂର । ବେଳେବେଳେ ଜହ୍ନଟା ନଡ଼ିଆଗଛ ଅଗରେ ଲାଖି ରହେ ।

ନିରଞ୍ଜନର ଖୁସି କହିଲେ ନ ସରେ । କହିଲା ମା' ଆଉ ବ୍ୟସ୍ତ ହୁଅନା । ଆଜି ରାତିରେ ଯେମିତି ସେଇ ଗଛ ଅଗରେ ଜହ୍ନ ଲାଗି ରହିବ, ମୁଁ ଚଢ଼ିଯାଇ ତୋଳି ଆଣିବି । ଏତକ ଯେଡ଼େ ସହଜ କହିଦେଲା, କାମଟା ତେଡ଼େ ସହଜ ନୁହେଁ ଭାବି ନିରଞ୍ଜନ ଚିନ୍ତାରେ ପଡ଼ିଗଲା । ପୁଣି ପଚାରିଲା, ଆଚ୍ଛା ମା' କହିଲ—ଏହି ଚାନ୍ଦଟା କେଉଁଥିରେ ତିଆରି ?

କାହିଁକି ? ଏଡ଼େ ବଡ଼ ମଣିଷ ହୋଇ ତୁ ଜାଣିନୁ ? କୁନିଜେମା ତାଚ୍ଛଲ୍ୟ କରି କହିଲା, "ସୁନାରେ ପରା ।"

ଏଥରକ ନିରଞ୍ଜନକୁ ଅଟକାଏ କିଏ ? ସାଙ୍ଗେ ସାଙ୍ଗେ ଦଉଡ଼ିଗଲା ବଣିଆ ଘରକୁ । ସୁନାଚାନ୍ଦ ତିଆରି ହେଲା । କୁନିଜେମାଙ୍କ ବୁଢ଼ାଆଙ୍ଗୁଳିର ନଖଭଳି ଛୋଟିଆ । ଚାନ୍ଦଟା ତ ପୁଣି ଜେମାଙ୍କ ବେକରେ ଝୁଲିବ, ସେଥିପାଇଁ ସୁନାହାରଟିଏ ବି ତିଆରିହେଲା ।

କୁନିଜେମା ଏଥର ବେଶ୍ ଖୁସି । ରାତାରାତି ଦେହ ଭଲ ହୋଇଗଲା । ତା' ଆରଦିନ ବଗିଚାରେ ବି ଖେଳାବୁଲା କଲା ।



କିନ୍ତୁ ଏତିକିରେ ସାଧବଙ୍କ ଚିନ୍ତା ଗଲା ନାହିଁ । ସାଧବ ଜାଣିଥିଲେ ଯେ ସେ ଦିନ ଗତିରେ ପୁଣି ଚନ୍ଦ୍ର ଉଦୟ ହେବ । ଯଦି ଝିଅ ଦେଖିଦିଏ, ସେ ଭାବିବ ହାତରେ ଥିବା ଗୁନ୍ଦ ଖାଣ୍ଟି ଗୁନ୍ଦ ନୁହେଁ, ପୁଣି ଜର ଆସିବ, ଏହି ଚିନ୍ତାରେ ପଡ଼ି ସାଧବ ଗୁମାସ୍ତାଙ୍କୁ ଡାକି କହିଲେ, ଯେ କୌଣସିମତେ ଚନ୍ଦ୍ରକୁ ଲୁଗାଇ ରଖିବାକୁ ପଡ଼ିବ । ଝିଅ ଯେପରି ନ ଦେଖିପାରେ । କିଛି ଗୋଟାଏ ଉପାୟ କର ।"

ଗୁମାସ୍ତା ମଥାରେ ହାତଦେଇ ବସି ପଡ଼ିଲେ । ଏ ପୁଣି କିପରି ସମ୍ଭବ ? ହଠାତ୍ ତାଙ୍କର ମନେପଡ଼ିଲା, କଳାଚଷମା ପିନ୍ଧାଇଦେଲେ ଜେମା ଦେଖିପାରିବେ ନାହିଁ ।

ଏକଥା ଶୁଣି ସାଧବ ଚିଡ଼ିଗଲେ "ଆରେ ମୂର୍ଖ । ଚଷମା ତ ସବୁବେଳେ ପିନ୍ଧିବ ନାହିଁ । ଯେତେବେଳେ କାଢ଼ିଦେବ, ଜହ୍ନଟା ଦିଶଯିବ ନାହିଁ ?

ନୂଆ ପୁରୋହିତ କାଳେ କିଛି ଉପାୟ କରିପାରିବେ ତାଙ୍କୁ ଡକାଗଲା । ସାଧବଙ୍କ ପ୍ରସ୍ତାବରେ ସେ ଖୁଣ୍ଟଭଳି ଠିଆ ହୋଇଗଲେ । ବେହୋସ ହେଲାଭଳି ଆଖିଡୋଳା ଦି'ଟାକୁ ଚାରିଆଡ଼େ ଘୂରାଇ ଆଣିଲେ । ହଠାତ୍ କହିଉଠିଲେ, "ଆଜ୍ଞା ପାଇଛି ।" ଆମ ବଗିଚା ଚାରିଆଡ଼େ ଗୋଟିଏ ବଡ଼ କଳା ମଖମଲ କନା ଟାଙ୍ଗିଦେବା, ଯେମିତି ସର୍କସର ତମ୍ବୁ ପଡ଼େ । ତା' ହେଲେ ଗୁନ୍ଦ ଦିଶିବ ନାହିଁ ।

ସାଧବଙ୍କ ରାଗ ତ ପଞ୍ଚମକୁ ଉଠିଗଲା । କ'ଣ କହିଲ ? ଚାରିଆଡ଼େ ଘେର କରିଦେଲେ ପବନ ଆସିବ କୁଆଡ଼ୁ ? ଝିଅ ମୋର ଅଣନିଃଶ୍ୱାସୀ ହୋଇ ପୁଣି ଜରରେ ପଡ଼ିବ ନା କ'ଣ ?

ଏତେବେଳକୁ ଜ୍ୟୋତିଷ ଆସିଯାଇଥିଲେ । ସାଧବଙ୍କ ପ୍ରଶ୍ନ ଶୁଣି ସେ ଗଣନା ଆରମ୍ଭ କରିଦେଲେ । ଚକ୍ର, ଛକି, ବର୍ଗକ୍ଷେତ୍ର—ଏମିତି ଗୁଡ଼ାଏ ଚିତ୍ର ମାଟିଖଡ଼ିରେ କାଟିସାରି ଅବଧାନେ କହିଲେ, ଗୋଟିଏ ଉପାୟ ଅଛି । ପ୍ରତିଦିନ ରାତ୍ର ସମୟରେ ଗୁଡ଼ାଏ ଚନ୍ଦ୍ରଉଦିଆ, ହୁଇଗୁଟି, ଝରଝରି ବାଣ ଜଳାଇଲେ, ରାତିଟା ଦିନ ଭଳି ଦେଖାଯିବ ଚାରିଆଡ଼େ ତାରାଫୁଟିବା ଭଳି ଦେଖାଯିବ । ତା ଭିତରେ କୁନିଜେମା ଚନ୍ଦ୍ରକୁ ଦେଖିପାରିବେ ନାହିଁ ।

ଏ କଥାରେ ସାଧବଙ୍କ ରାଗକୁ ସମ୍ଭାଳେ କିଏ ? ସେ ଅବଧାନଙ୍କୁ ମାରିବେ କି ପିଟିବେ ଠିକ୍ କରିପାରିଲେ ନାହିଁ । ଖାଲି ବୈଠକିର ଏପଟ ସେପଟ ହେଲେ । ଆରେ ମୂର୍ଖ ସବୁବେଳେ ବାଣ ଫୁଟିଲେ, ମୋ ଝିଅ ଶୋଇ ପାରିବଟି ? ସବୁବେଳେ ଚେଇଁ ରହିଲେ, ପୁଣ ଦେହ ଖରାପ ହେବ ନାହିଁ ?

ଏମିତି କହୁଁ କହୁଁ ସାଧବଙ୍କ ଆଖି ଆକାଶରେ ପଡ଼ିଲା । ଜହ୍ନ ଉଠିଲାଣି । କ'ଣ କରାଯିବ । ପୁଣି ବୁଢ଼ା ଗୁଳକରକୁ ଡାକ । ନିରଞ୍ଜନ ପହଞ୍ଚିଲାକ୍ଷଣି ସାଧବ କହିଲେ, ନିରଞ୍ଜନ ତୁ ଏଥର ଝିଅକୁ ସମ୍ଭାଳ ।

ସବୁକଥା ଶୁଣି ନିରଞ୍ଜନ କହିଲା, "ଯଦି ଆପଣଙ୍କ ପାଖରେ ଥିବା ଏଡ଼େ ବଡ଼ ଜ୍ଞାନୀଲୋକମାନେ ଜହ୍ନକୁ ଲୁଗ୍ଗଇ ପାରିଲେ ନାହିଁ, ଦୁନିଆରେ ଆଉ କିଏ ଲୁଗ୍ଗଇ ପାରିବ ।"

ବୁଢ଼ା ଟିକେ ଅଟକିଯାଇ ପୁଣି କହିଲା, ଗୁନ୍ଦ ତ କିପରି ମିଳିବ, ଏମାନେ କହିପାରି ନ ଥିଲେ ? ଯେଉଁ ଜେମା ଗୁନ୍ଦ କିପରି ମିଳିବ କହିଥିଲେ ସେ ବରଂ ଗୁନ୍ଦ ବିଷୟରେ ସମସ୍ତଙ୍କଠାରୁ ବେଶୀ ଜାଣନ୍ତି । ତାକୁ ହିଁ ପଗ୍ଗରିବି ।

ସାଧବ କିଛି କହିବା ପୂର୍ବରୁ ନିରଞ୍ଜନ କୁନିଜେମାର ବିଛଣା ପାଖରେ ହାଜର । କୁନିଜେମା ଡାହାଣ ହାତରେ ସୁନା ଗୁନ୍ଦକୁ ଧରିଥାଏ । ଆକାଶରେ ଉଠୁଥିବା ଜହ୍ନକୁ ଜଳଜଳ କରି ଗ୍ଗହୁଁଥାଏ ।

ଏଥର ଆଉ ରକ୍ଷା ନାହିଁ । ସାଧବଠାରୁ ନିଶ୍ଚୟ ତଡ଼ାଖାଇବି । ଏହି ଡରରେ କାନ୍ଦକାନ୍ଦ ହୋଇ ନିରଞ୍ଜନ ପଗ୍ଗରିଲା, ମା' କହିଲ, ତୁମ ବେକରେ ଗୁନ୍ଦ ଝୁଲୁଥିଲା ବେଳେ ଆକାଶରେ ଆଉ ଗୋଟିଏ ଗୁନ୍ଦ କିପରି ଆସିଲା ।

କୁନିଜେମାର ଠୋ ଠୋ ହସ ନିରଞ୍ଜନକୁ ଚମକାଇ ଦେଲା । ନିରଞ୍ଜନ ଭାବିଲା, ଏ ରୋଗ ହେବାର ପୂର୍ବ ଲକ୍ଷଣ ନୁହେଁ ତ ? କିନ୍ତୁ କୁନିଜେମା ମୁହଁରୁ କଥା ବାହାରିଲା, ଏତକ ବୁଝି ପାରୁନୁ ? ମୋର ଯେତେବେଳେ ଦାନ୍ତ ପଡ଼ିଗଲା, ଆଉ ଗୋଟିଏ ଦାନ୍ତ ଉଠିଲା କେମିତି ? ଆମ ବଗଗ୍ଗରେ ମାଳି ତ ଫୁଲଟିଏ ତୋଳିନିଏ ପୁଣି ନୂଆ ଫୁଲ ଫୁଟେ କେମିତି ?

ସୁରାକ ପାଇ ନିରଞ୍ଜନର ସାହସ ବଢ଼ିଗଲା, କହିଲା, "ହଁ । ହଁ । ଯେମିତି ରାତିରେ ସୂର୍ଯ୍ୟକିରଣ ଲିଭିଗଲେ ବି ତା' ଆରଦିନ ପୁଣି ତିଆରି ହୁଏ ।

"ହଁ । ଗୁନ୍ଦ ବି ସେଇମିତି ହୋଇଥିବ ।"

କୁନିଜେମାର ଏ କଥା ଶୁଣି ନିରଞ୍ଜନ ଭାବିଲା, ନିଶ୍ଚୟ ହୋଇଥିବ । ନ ହେଲେ, ଦୁନିଆ ଯାକର ପିଲା ଗୁନ୍ଦ ମାଗୁଥିବେ, ଆଉ ତାଙ୍କ ବାପା ମା ଗୁନ୍ଦ ଗଢ଼ି ଦେଉଥିବେ, ତଥାପି ସରଗରେ ଗୁନ୍ଦ ଥିବ, ଏ କିପରି ସମ୍ଭବ ହୁଅନ୍ତା ?

# ମରଣ ସାଙ୍ଗରେ ଲଢ଼େଇ

ଅଳ୍ପ କେତେ ବର୍ଷ ତଳେ ଘଟିଥିବା କଟକ ସହରର ଗୋଟିଏ ସ୍କୁଲର ଘଟଣା ।

ସେପ୍‌ଟେମ୍ବର ୩୦ ତାରିଖ । ପରଦିନଠାରୁ ପୂଜାଛୁଟି ଆରମ୍ଭ ହୋଇଯିବ । ଦୁର୍ଗାପୂଜା, ଗାନ୍ଧୀଜୟନ୍ତୀ ଓ ଲକ୍ଷ୍ମୀପୂଜା—ଏସବୁ ମିଶି କୋଡ଼ିଏ ଦିନ ଛୁଟି । ଏତେ ଲମ୍ବା ଛୁଟିର ପୂର୍ବଦିନ ଅନୁପସ୍ଥିତ ରହିବା ଉଚିତ ନୁହେଁ, ସବୁ ପିଲମାନେ ଏମିତି ଭବନ୍ତି । ଗୋପାଳକୃଷ୍ଣ ବି ସେଇୟା ଭାବିଛି । ଯାହାହେଉ ନା କାହିଁକି, ଆଜି ସେ ସ୍କୁଲ ଯିବ ।

ଗୋପାଳକୃଷ୍ଣର ଡାକ ନାଁ ଟୁନା । ତୃତୀୟ ଶ୍ରେଣୀର ଛାତ୍ର । କୌଣସି ଦିନ ସ୍କୁଲକୁ ଆସି ନଥିବାର ଖବର ଶୁଣାଯାଏ ନାହିଁ । ତା'ର ପଢ଼ାପର୍ଢ଼ିରେ ସମସ୍ତେ ଖୁସି । ବାପା ମା' ତାକୁ ଯେପରି ଭଲ ପାଆନ୍ତି, ଶ୍ରେଣୀ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ସେହିପରି ଆଦର କରନ୍ତି ।

ଆଜି ସକାଳୁ ଟୁନାର ଦେହଟା କସ୍‌ମସ୍ ହେଉଛି । ମାଆ ହାତ ବୁଲାଇ ଆଣି କହିଲେ, ଟୁନାର ଦେହ ଉଷୁମ ଲାଗୁଛି । ତଥାପି ଟୁନାର ଜିଦ୍, ସେ ସ୍କୁଲ ଯିବ । ବାପା କହିଲେ, ଗରମ ଲୁଗା ଉପରେ ସ୍କୁଲ ପୋଷାକ ପିନ୍ଧାଇଦିଅ । ତା' ଇଛାରେ ବାଧା ଦେବା ଭଲ ନୁହେଁ ।

ସବୁ ଦିନ ଭଳି ସେଦନ ବି ସାଧୁ ସାଇକେଲରେ ବସାଇ ଟୁନାକୁ ସ୍କୁଲରେ ଛାଡ଼ି ଆସିଲା । ସାଢ଼େ ୩ଟା ବେଳକୁ ସ୍କୁଲ ଛୁଟି ହେବ । ସାଧୁ ଆସି ଟୁନାକୁ ନେଇଯିବ ।

କାଲିଠାରୁ ଛୁଟି । ଆଜି ତେଣୁ ପଢ଼ାପର୍ଢ଼ିରେ ଜୋର ନାହିଁ । ଛୁଟିରେ ଘରେ କ'ଣ ପଢ଼ା କରିବାକୁ ହେବ—ସେଥିପାଇଁ ଶିକ୍ଷକ ପାଠ ଡାକିଦେଇ ପ୍ରଥମ

ପିରିଅଡ଼ଟି ସାରିଦେଲେ । ଟୁନାର ଦେହ ତାତି ବଢ଼ିଗଲା । ତାକୁ ଜ୍ୱର ଜ୍ୱର ଲାଗୁଛି ବୋଲି ସେ ଶ୍ରେଣୀର ଶିକ୍ଷୟିତ୍ରୀଙ୍କୁ କହିଲା । ସ୍କୁଲର ଫାଷ୍ଟ ଏଡ ବାକ୍ସରୁ ଟାବ୍‌ଲେଟ୍‌ଟିଏ ଆଣି ଶିକ୍ଷୟିତ୍ରୀ ଟୁନାକୁ ଖୋଇଦେଲେ । ଶ୍ରେଣୀର ପଛ ବେଞ୍ଚରେ ଶୋଇଯିବାକୁ କହିଲେ । ଲମ୍ବା ଲମ୍ବା ବେଞ୍ଚ ଆଗକୁ ଉଚ୍ଚ ଉଚ୍ଚ ଡେସ୍କ୍‌ଗୁଡ଼ିକ ସମାନ୍ତରାଳରେ ପଡ଼ିଥାଏ । ପଛ ବେଞ୍ଚରେ ପିଲାଟିଏ ଶୋଇଥିଲେ ସାମନାରେ ଶିକ୍ଷୟିତ୍ରୀଙ୍କ ଚୌକି ପାଖରୁ କିଛି ଦେଖି ହେବ ନାହିଁ । ମଝିରେ ଧାଡ଼ି ଧାଡ଼ି ବେଞ୍ଚ ଆଉ ଡେସ୍କ୍ । ଶିକ୍ଷୟିତ୍ରୀଙ୍କ ଚୌକି ପାଖକୁ ଲାଗି ଠିଆ ହୋଇଛି ବ୍ଲାକ୍‌ବୋର୍ଡ ବା କଳାପଟା । କାନ୍ଥ କୋଣକୁ ଶ୍ରେଣୀର ଆଲମୀରାଟିଏ ।

ପଛ ବେଞ୍ଚରେ ଶୋଉ ଶୋଉ ଟୁନା ଗାଢ଼ ନିଦରେ ଶୋଇଗଲା । ସମସ୍ତଙ୍କ ମନରେ ଛୁଟିର ନିଶା ଲାଗିଛି । ପ୍ରଧାନ ଶିକ୍ଷକ ସ୍ଥିର କଲେ—ସେ ଦିନ ଅଧ ଘଣ୍ଟାଏ ଆଗରୁ ଛୁଟି ହୋଇଗଲା । କାଲିଠାରୁ ଲମ୍ବା ଛୁଟି, ଏହି ଆଶା ଓ ଖୁସିରେ ପିଲାମାନେ ଡେଇଁ ଡେଇଁ ଶ୍ରେଣୀ କୋଠରୀ ସବୁ ଖାଲି କରିଦେଲେ । ତିନିଟା ପରେ ପରେ ସ୍କୁଲ ଫାଙ୍କା ହୋଇଗଲା । ଶିକ୍ଷକମାନେ ବି ନିଜ ନିଜ ରାସ୍ତା ଧରିଲେ । ସ୍କୁଲ ଚୌକିଦାର ସାଢ଼େ ତିନିଟା ବେଳକୁ ସବୁ କୋଠରୀ ବନ୍ଦ କରି ତାଲା ପକାଇ ଦେଲା । ସବୁଦିନେ ସେ ଘର ଭିତରକୁ ଆଖି ପକାଇ କବାଟ ବନ୍ଦ କରେ । ଆଜି ବି ସେମିତି କରିଛି । କିଛି ତ ଜଣାପଡ଼ୁ ନାହିଁ । କବାଟ ବା ବନ୍ଦ ନ କରିବ କାହିଁକି ? ସବୁଆଡ଼େ ଗୁହୁଁ ଗୁହୁଁ ଶୂନ୍‌ଶାନ୍ ହୋଇଗଲା ।

ସାଢ଼େ ୩ଟା ବେଳକୁ ସାଧୁ ସାଇକେଲ ଧରି ଆସି ଦେଖେ ତ ସ୍କୁଲ ବନ୍ଦ, କେହି ନାହାନ୍ତି । ଚୌକିଦାରକୁ ପଚାରି ଜାଣିଲା, ପିଲାମାନେ ସମସ୍ତେ ପଳାଇ ଗଲେଣି । ସାଧୁଠାରୁ ଏ ଖବର ପାଇ ଟୁନାର ବାପା, ମା' ଚିନ୍ତିତ ହୋଇଗଲେ । କାଳେ କାହା ସାଙ୍ଗରେ ଆସୁଥିବ ଭାବି ସେମାନେ ଟିକେ ଅପେକ୍ଷା କରିଗଲେ । ବାଟରେ ପିଲାମାନଙ୍କୁ ପଚାରିବାପାଇଁ ସାଧୁକୁ ପଠାଇଦେଲେ । କିଛି ଖବର ନ ମିଳିବାରୁ ବାପା ମା' ଦୁହେଁ ଖୋଜି ବାହାରିଲେ । ଶ୍ରେଣୀ ଶିକ୍ଷୟିତ୍ରୀଙ୍କୁ ପଚାରିଲେ ସବୁକଥା ଜାଣିହେବ ଭାବି, ଚୌକିଦାରକୁ ଠିକଣା ମାଗିଲେ । ବସା ଖୋଜି ପହଞ୍ଚିଲା ବେଳକୁ ଶିକ୍ଷୟିତ୍ରୀ ନାହାନ୍ତି । ଗାଁକୁ ଯିବାପାଇଁ ସେ ସହଳ ବସ୍ ଧରି ଚାଲିଗଲେଣି । କାଲିଠୁ ପୂଜା ଛୁଟି—ସହରରେ ରହି ଲାଭ କଣ ।

ଟୁନା କାହାସାଙ୍ଗରେ ଗଲା ଜାଣି ନ ପାରି ବାପା ମା'ଙ୍କ ମନରେ ବହୁତ ଦୁଶ୍ଚିନ୍ତା ପଶିଲା । ଆଜିକାଲି ତ ଛୁଆ ଚୋରି ହେଉଥିବାର ଖବର ବେଶ୍



ଟୁନା କବାଟରେ ଖୁବ୍ ଜୋରରେ ଧକ୍କା ମାରୁଛି ।

ମିଳୁଛି । ମନରେ ଛାନିଆ ପଶିଲାରୁ ବାପାମା' ଦୁହେଁ ଗାଡ଼ିଟିଏ ଭଡ଼ାକରି ଏଣେ ତେଣେ ଦଉଡ଼ାଦଉଡ଼ି କରିବା ଆରମ୍ଭ କରିଦେଲେ । ଯେଉଁଠ ଟିକେ ସୂଚକ ପାଆନ୍ତି, ଯାଆନ୍ତି, ନ ପାଇ ପୁଣି ବସାକୁ ଫେରନ୍ତି; କାଳେ ଟୁନା ଘରେ ପହଞ୍ଚି ଯାଇଥିବ; ଘର ଆଗରେ ଅପେକ୍ଷା କରି ଠିଆ ହୋଇଥିବ ।

ଗୁହୁଁ ଗୁହୁଁ ବେଳ ଗଡ଼ିଗଲା । ସେମାନେ ପୋଲିସ ଥାନାରେ ଖବର ଦେଲେ । ସେମାନଙ୍କ କାନ୍ଦ କାନ୍ଦ ମୁହଁରେ ସବୁ ଦୁଃଖ ଦୁଶ୍ଚିନ୍ତାଗୁଡ଼ାକ ଜଳଜଳ କରି ଦେଖାଯାଉଥିଲା । ସଞ୍ଜ ପର୍ବରୁ କିଛି ଗୋଟାଏ କରିବାକୁ ହେବ । ଥାନାବାବୁ ଏହି ଚିନ୍ତାରେ ସାଙ୍ଗେସାଙ୍ଗେ ସ୍କୁଲ ଆଡ଼େ ଗ୍ଲିଲେ, ଅନୁସନ୍ଧାନକରି ତୃତୀୟ ଶ୍ରେଣୀ କୋଠରୀର କବାଟ ପାଖରେ କାନଦେଇ ଫେରିଲେ, କିଛି ଶୁଭୁ ନାହିଁ । ସମସ୍ତେ ଚୌକିଦାର ପାଖକୁ ଫେରିଲେ ।

ଟୁନାର ନିଦ ଭାଙ୍ଗିବା ବେଳକୁ ସେ ଦେଖେ ଗ୍ରରିଆଡ଼ ଅନ୍ଧାର । କବାଟ ସନ୍ଧିରୁ ଝାପ୍‌ସା ଆଲୁଅ ଆସୁଛି । ଧୀରେ ଧୀରେ ଉଠି ସେ କବାଟ ଆଡ଼େ ଗ୍ଲିଲା । ହଲାଇଲା; କବାଟ ବନ୍ଦ । ଧକ୍‌କା ମାରିଲା । ଭେ ଭେ କରି କାନ୍ଦି ଉଠିଲା, ମା' ବାପା ଡାକ ଛାଡ଼ି କେତେ କାନ୍ଦିଲା । କବାଟ ବାଡ଼େଇ ହାତ ଫୁଲି ଗଲା । କେହି କବାଟ ଖୋଲିଲେ ନାହିଁ । ଗ୍ରରିଆଡ଼େ ଅନ୍ଧାର ଦେଖାଯାଉଛି । ମା' କଥା ବେଶୀ ମନେ ପଡ଼ିଲା । ଦୁଃଖରେ ପଡ଼ିଲେ, ଭଗବାନଙ୍କୁ ଡାକିବୁ ସେ ସାହାଯ୍ୟ କରିବେ ବୋଲି ମା' କହନ୍ତି । ଟୁନା ଭଗବାନଙ୍କୁ ଖୁବ୍ ଡାକିଲା, ମୋତେ ମା'ଙ୍କ ପାଖକୁ ନେଇଯାଅ ।

ଏତିକି ବେଳେ ତାକୁ ଲୋକଙ୍କ ପାଟି ଶୁଭିଲା । ଦୂରରେ ଚୌକିଦାରର ପାଟି ଶୁଭୁଛି । ତାକୁ ଜଣାଗଲା, ଯେପରି ତା'ରି ବିଷୟରେ ଲୋକେ କଥା ହେଉଛନ୍ତି । ଚୌକିଦାର ଜୋରକରି କହୁଛି—ସେ ଗ୍ରବି ପକାଇବା ବେଳକୁ ତ ଶ୍ରେଣୀରେ କେହି ନ ଥିଲେ । ଗୋପାଳକୃଷ୍ଣ ଯେ କୋଠରୀରେ ନାହିଁ ସେ ନିଶ୍ଚିତ । ଟୁନା କବାଟରେ ଖୁବ୍ ଜୋରରେ ଧକ୍‌କା ମାରିଲା । କାଳେ ଲୋକେ ତା'ର ଶବ୍ଦ ଶୁଣିପାରିବେ, କବାଟ ଖୋଲିବେ । ଯେତେ ଧକ୍‌କା ମାରିଲା, କବାଟ ଧଡ଼ ଧଡ଼ କଲା, ହାତ ଗୋଡ଼ ବେଶୀ ବଥା ହେଲା । ଏବେ ଚୁପ୍ ହୋଇ ଶୁଣିଲା, କେହି କବାଟ ଖୋଲିବାକୁ ଆସୁଛନ୍ତି କି ନାହିଁ । କେହି ଆସିଲେ ନାହିଁ, କି କାହାରି ପାଟି ଶୁଭିଲା ନାହିଁ । ସେମାନେ ବୋଧହୁଏ ଗ୍ଲିଗଲେ, ଏଡ଼େ ଜୋରରେ ଧଡ଼ ଧଡ଼ ବାଡ଼େଇଲା, ତଥାପି ସେମାନେ ଶୁଣିପାରିଲେ ନାହିଁ ? ଟୁନା ନିଜକୁ ବଡ଼ ଧିକ୍‌କାର

କଲା । ସବୁ ନିସ୍ତବ୍ଧ । ସ୍କୁଲ ପାଖ ରାସ୍ତାରେ ବେଳେବେଳେ ଘୋଡ଼ାଗାଡ଼ି ଯାଉଥିବାର ଶବ୍ଦ ତାକୁ ଶୁଭୁଛି । ଅଥଚ ସେ କବାଟ ଧଡ଼ ଧଡ଼ କରୁଥିବା ଶବ୍ଦ କାହାରିକୁ ଶୁଭୁ ନାହିଁ ।

ସ୍କୁଲରୁ ଡେରିରେ ଫେରିଲେ ମା' କେଡ଼େ ଅସ୍ତବ୍ୟସ୍ତ ହୁଅନ୍ତି । ଚାରିଆଡ଼େ ଲୋକ ପଠାନ୍ତି, ବାପା ଦଉଡ଼ି ଆସି ସ୍କୁଲରୁ ନେଇ ଯାଆନ୍ତି । ଆଜି କ'ଣ ସେମାନେ ଭୁଲିଗଲେ ? ମୁଁ ଯେ ଏହି ଘରେ ବନ୍ଦ ହୋଇରହିଛି, କେହି କ'ଣ ଜାଣି ପାରୁ ନାହାନ୍ତି ? ଟୁନା କେତେ କ'ଣ ଭାବିଗଲା ।

ରାସ୍ତାର ଘୋଡ଼ାଗାଡ଼ି ଯିବା ଶବ୍ଦ ଶୁଣୁ ଶୁଣୁ ଟୁନାକୁ ଜଣାଗଲା ଯେପରି ମା' ଖୁବ୍ କାନ୍ଦୁଛନ୍ତି । ମା' ତୁମେ କାନ୍ଦୁଛ, ଟିକେ କ'ଣ ଭାବିପାରୁ ନାହଁ ଯେ ମୁଁ ଏହି କୋଠରୀରେ ବନ୍ଦୀ ହୋଇଯାଇଛି । ଏ କବାଟ ଭାଙ୍ଗିବାକୁ ମୋର ବଳ କାହିଁ ? ହେ ଭଗବାନ୍ ! ମୋତେ ମାଆଙ୍କ ପାଖକୁ ନେଇଯାଅ ।

ଚୌକିଦାରର ବସାକୁ କବାଟ ଧଡ଼ଧଡ଼ ଶବ୍ଦ ଶୁଭୁ ନାହିଁ । କେହି ଏ କୋଠରୀ ଆଡ଼େ ଆସିବାର ଶବ୍ଦ ଜଣାଯାଉ ନାହିଁ । ମୁଁ ତେବେ ବାହାରିବି କିପରି ? ରାତିଯାକ ବେଞ୍ଚଉପରେ ଶୋଇରହି ଟୁନା ଭାବନାର ସୂଅ ଛୁଟାଇଲା । ମା' ଯେ କାନ୍ଦୁଥିବେ—ଏହି ଚିନ୍ତାରେ ଟୁନା ନିଜ ଭୋକ ଆଉ ଜ୍ୱର ଭୁଲିଗଲା ।

ସକାଳ ସୂର୍ଯ୍ୟର ଆଭାସ କବାଟ ଫାଙ୍କ ଆଉ ସ୍କାଇଲାଇଟ ବାଟେ ଦେଖା ହେଲା । ରାତିଯାକ ଭାବି ଭାବି ଟୁନା ଯେଉଁ ଯୋଜନା ତିଆରି କରିଥିଲା, ତାକୁ କାମରେ ଲଗାଇଲା ।

କୋଠରୀଟି ପୁରୁଣାକାଳିଆ ଘର । ଉପରେ ଖପରଲି ଛପର । ଛପରର ହାତେ ଖଣ୍ଡେ ତଳକୁ ଗୋଟିଏ କଳାକବାଟୀ ବା ସ୍କାଇଲାଇଟ୍ ଅଛି । କୌଣସିମତେ ଆଲମୀରା ଉପରକୁ ଚଢ଼ି କଳାକବାଟୀକୁ ଭାଙ୍ଗିପାରିଲେ ସେ ବାଟେ କୋଠରୀ ପଛପଟକୁ ଖସିଯାଇହେବ ।

ବହୁତ କଷ୍ଟରେ ଟୁନା ଶିକ୍ଷୟିତ୍ରୀଙ୍କ ଛୋଟ ଟେବୁଲଟିକୁ ଆଲମାରୀ ପାଖକୁ ଟାଣିନେଲା । ତା' ଉପରେ ଚୌକିଟିକୁ ରଖିଲା । କଳାପଟାଟିକୁ କାନ୍ଥରେ ଡେରି, ଚୌକିର ଗୋଡ଼ରେ ଠେସ ରଖି ଥୋଇ ଦେଲା । କଳାପଟା ଲିଭାଇବାକୁ ଥିବା ଡଷ୍ଟରଟିକୁ ଧରି ଟୁନା ଟେବୁଲ ଉପରକୁ ଉଠିଲା । ଟେବୁଲରୁ ଚୌକି ହାତରେ ଓ ପରେ କଳାପଟା ଧାରରେ ଗୋଡ଼ରଖି ସେ ଆଲମାରୀ ଉପରକୁ ଚଢ଼ିଲା । ଆଲମାରୀ ଉପରେ ଠିଆ ହୋଇ ସେ ଡଷ୍ଟରରେ ପିଟି ପିଟି

ଝରକାକବାଟୀ କାଚକୁ ଭାଙ୍ଗି ଚୁରମାର୍ କରିଦେଲା । ନିଜର ସାର୍ଟକୁ ଚିରି ବାନ୍ଧି ଗୋଟିଏ ଦଉଡ଼ି ତିଆରି କଲା । ଝରକାକବାଟୀର କଡ଼ା (ହୁକ୍) ସାଙ୍ଗରେ ଦଉଡ଼ିର ଗୋଟିଏ ଅଗ ବାନ୍ଧିଦେଇ ଅନ୍ୟ ଅଗଟାକୁ ହାତରେ ଗୁଡ଼ାଇ ଧରିଲା । ଝରକାକବାଟୀକୁ ଉଠିଯାଇ ଝରକାକବାଟୀ ବନ୍ଧ ଉପରେ ବସି ପଡ଼ିଲା ।

ଓଃ ! କେଡ଼େ ଖାଲ । ପଡ଼ିଗଲେ ଗୋଡ଼ହାତ ଭାଙ୍ଗିଯିବ । ଗୋଡ଼ହାତ ଭାଙ୍ଗୁପଛେ ସେ ମା' ପାଖକୁ ଯିବ ।

ଟୁନା ଠିକ୍ କଲା ସେ ବାଟେ କେହି ଲୋକ ଯାଉଥିବା ବେଳେ ମରିଗଲି ବୋଲି ଖୁବ୍ ଜୋର ପାଟିକରି ତଳକୁ ଖସି ପଡ଼ିବ । କାଳେ କେହି ଶବ୍ଦ ଶୁଣି ତାକୁ ଉଠାଇ ନେବ । ଟୁନା ଠିକ୍ ସେଇୟା କଲା ।

ଟୁନାର ଚେତା ହେବା ବେଳକୁ ସେ ଦେଖିଲା ହସପିଟାଲର ଗୋଟିଏ ଶେଯରେ ସେ ଶୋଇଛି । ଦେହ ହାତ ଖୁବ୍ ବଥା କରୁଛି । ଦେହ ସାରା ସବୁ ଖଣ୍ଡିଆ ଖାବରା ଜାଗାରେ ଔଷଧ ଲଗା ହୋଇଛି। ଗୋଡ଼ ହାତ ଓ ମୁହଁରେ ବାଣ୍ଡେଜ୍ ବନ୍ଧାହୋଇଛି । ହଠାତ୍ ଟୁନା କାନ୍ଦି ଉଠିଲା, ମା' ପାଖକୁ ନେଇ ଚାଲ ।

ଟୁନାଠାରୁ ଠିକଣା ଜାଣି ଡାକ୍ତର ବାପା ମା' ଙ୍କୁ ଖବର ଦେଲେ । ବାପା ମା' ଶେଯ ପାଖରେ ପହଞ୍ଚି ଟୁନାକୁ ଘଣ୍ଟାଏକାଳ କୁଣ୍ଢାଇ ଧରିଲେ । କାନ୍ଦି କାନ୍ଦି ଫୁଲିଥିବା ମା'ର ଆଖି ଖୁସିରେ ସଜଳ ହୋଇଉଠିଲା । ବାପାର ଶୁଖିଲା ମୁହଁ ସତେଜ ଦେଖାଗଲା । ବାପା ମା' ଓ ଟୁନା ଯେ ପୁରା ଗୋଟାଏ ଦିନ ଓପାସ ରହିଯାଇଛନ୍ତି, ତିନିକି ତିନିହେଁ ଭୁଲିଗଲେ ।

କେହି ଭାବିପାରି ନ ଥିଲେ ଯେ ଟୁନା ଶ୍ରେଣୀ କୋଠରୀରେ ବନ୍ଦହୋଇ ରହିଯାଇଥିଲା । ଯେତେବେଳେ ଅନ୍ୟମାନେ ସେଆଡ଼େ ଖୋଜି ଆସିଛନ୍ତି ସେ ଶୋଇପାଇଛି । ଯେତେବେଳେ ସେ କବାଟ ବାଡ଼େଇଛି ସେତେବେଳେ ସେଆଡ଼େ କାହାର ନଜର ପଡ଼ି ନାହିଁ । ଚୌକିଦାର ତ ସ୍କୁଲର ଗୋଟିଏ କଣରେ ଏକୁଟିଆ ରହୁଛି—ସେ ବା ଜାଣନ୍ତା କିପରି ? ଟୁନା ଯଦି ବୁଦ୍ଧି ଖଟାଇ ନ ଥା'ନ୍ତା ପୂଜାଛୁଟି ସରି ଅକ୍ଟୋବର ଏକୋଇଶରେ ସ୍କୁଲ ଖୋଲିବା ବେଳକୁ ସେ କ'ଣ ଜୀବନରେ ଥା'ନ୍ତା ! ଡାକ୍ତରଖାନାର ସମସ୍ତେ ଟୁନାର ବୁଦ୍ଧିକୁ ଖୁବ୍ ତାରିଫ୍ କଲେ । ଆଉ ବାପା ମା'ଙ୍କ ଛାତି ତ ଗର୍ବରେ କୁଣ୍ଢେମୋଟ ହୋଇଗଲା ।



